## ଅବକାରୀ ଚଢ଼ାଉ, ୪ ଗିରଫ

ଖୁଣ୍ଟା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଜଣେ ମହିଳାଙ୍କ ସମେତ ୪ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ପୁରୁଣା ପାଣି ଗ୍ରାମର ଜ୍ଞାନରଞ୍ଜନ ପାତ୍ର, ବାଲିଡ଼ିହା ଗ୍ରାମର ସାକିଲା ସୋରେନ, ନହାରା ଗ୍ରାମର ସମବାରୀ ସିଂ ଓ ଭଙ୍ଗାଟଟୁ ଗ୍ରାମର ଉପେନ୍ଦ୍ର ସିଂ। ଅବକାରୀ ଇନିସ୍ପେକ୍ଟର ଅଭିରାମ ବେହେରା ଓ ଖୁଣ୍ଟା ଅଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

### ସଂକ୍ଷେପରେ

## ଲୁଟ୍ ପରେ ଏଟିଏମ୍‌କୁ ଜାଳିଦେଲେ ଦୁର୍ବୃତ୍ତ



ରୂପସା, ୨୫।୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ରାଜଘାଟସ୍ଥିତ ଏକ ଏଟିଏମ୍‌ରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଗ୍ୟାସ୍ କଟରରେ ଏଟିଏମ୍‌କୁ କାଟି ଲକ୍ଷାଧିକ ଟଙ୍କା ଲୁଟିବା ପରେ ନିଆଁ ଲଗାଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଏଟିଏମ୍ ଜଳୁଥିବା ଦେଖି ପୋଲିସ ଓ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ବସ୍ତା ଦମକଳ ବାହିନୀ ପହଞ୍ଚିଥିଲେ। ଶୁକ୍ରବାର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ପୋଲିସର ଢ଼ିଲା ପେଟ୍ରୋଲିଂର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି ଲୁଟ୍‌ପାଟ୍ କରୁଥିବା ମାର୍କେଟ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ତେବେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ସ୍ଥାନୀୟ ଏକ ଗ୍ରଶେରୀ ଦୋକାନର ସିସିଟିଭି ଫୁଟେଜ୍‌ରେ କଏଦ ହୋଇଥିବା ଲୁଟ୍ ବେଳର ଦୃଶ୍ୟ ପୋଲିସ ହାତରେ ପଡ଼ିବା ପରେ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଥାନାଧିକାରୀ କହିଛନ୍ତି।

## ଦେଢ଼ ଲକ୍ଷର ବିଦେଶୀ ମଦ ଜବତ, ୨ ଗିରଫ

ଧାମନଗର/ଭଦ୍ରକ ଅଫିସ, ୨୫।୨ (ଡି.ଏନ.ଏ)- ଭଦ୍ରକ ଜିଲା ଧାମନଗର ଓ ଧୂଷୁରୀ ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବହୁ ପରିମାଣର ବିଦେଶୀ ମଦ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଭଦ୍ରକ ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ଅବକାରୀ ଥାନା ପକ୍ଷରୁ ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଧାମନଗର ଥାନା ଅଧୀନ କଲ୍ୟାଣୀ, ବନ୍ଧଟିଆ ଏବଂ ଧୂଷୁରୀ ଥାନା ଅଧୀନ ବେତାଳିଗାଁ ବଜାର, ପଛାଲ, କଣ୍ଟିଗାଁ ଓ କୋଠାର ଅଞ୍ଚଳରୁ ୧୧୭. ୬୦୦ ଲିଟର ମଦ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ଗିରଫ ଦୁଇଜଣ ହେଲେ କଲ୍ୟାଣୀ ଗ୍ରାମର ଚନ୍ଦ୍ରଶେଖର ସାହୁ ଓ ଧୂଷୁରୀ ଥାନା ଅଧୀନ କୁଲସାହିର ମନୋଜ ସାମଲ। ଧାମନଗର ଅବକାରୀ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। କନଷ୍ଟେବଲ ଅଜିତ ସିଙ୍ଘ, ରମେଶ ନାୟକ, ପ୍ରଦୀପ ମଲ୍ଲିକ, ସନ୍ଧ୍ୟାରାଣୀ ସେନାପତି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ୨୭ରୁ ପଲ୍‌ସ ପୋଲିଓ ଅଭିଯାନ

କେନ୍ଦୁଝର, ୨୫।୨(ଡି.ଏନ୍.ଏ.): କେନ୍ଦୁଝର ଜିଲାରେ ପଲ୍‌ସ ପୋଲିଓ ଅଭିଯାନ ଆସନ୍ତା ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଅଭିଯାନର ପ୍ରଥମ ଦିନରେ ଜିଲାର ୮୬୦ଟି ବୁଥ୍‌ରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ବୁଥ୍‌କୁ ଆସିପାରି ନ ଥିବା ଶିଶୁମାନଙ୍କ ପାଇଁ ଅଭିଯାନର ଦ୍ୱିତୀୟ ଓ ତୃତୀୟ ଦିବସରେ ଘର ଘର ବୁଲି ପୋଲିଓ ବୁନ୍ଦା ଦେବାକୁ ସ୍ଥିର କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର ପ୍ରକାଶ କରିଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଭଦ୍ରକ ଅଫିସ, ୨୫।୨-ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ନଳାଙ୍ଗ ଛକଠାରେ ଶୁକ୍ରବାର ପୂର୍ବାହ୍ନରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଆହତ ହୋଇଛନ୍ତି। ମୃତକ ଯାଜପୁର ଅଞ୍ଚଳର ଶୁବାଶିଷ ନାୟକ ଓ ଆହତ ଭଦ୍ରକର ରାଜେଶ ସାହୁ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକେ ଟ୍ରକ୍‌କୁ ଅଟକାଇ ପୋଲିସ ଜିମା ଦେଇଥିବା ବେଳେ ଗ୍ରାମାଞ୍ଚଳ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶୁବାଶିଷ ଓ ରାଜେଶ ବାଇକ୍‌ରେ ଯାଜପୁରରୁ ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଟ୍ରକ୍ ଦ୍ରୁତଗତିରେ ଆସି ବାଇକ୍ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶୁବାଶିଷଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୧୦୯/୨୨) ରୁଜୁ ହୋଇଛି।

# ମାଟି ଦୀପ ବେପାର ମାନ୍ଦା

ବାରିପଦା ଅଫିସ,୨୫।୨

- ଅନୁମତି ଦେଉନି ପ୍ରଶାସନ
- ଚିନ୍ତାରେ କୁମ୍ଭକାର ପରିବାର

କୌଳିକ ବୃତ୍ତିକୁ ଆପଣାଇ ପରିବାର ଭରଣ ପୋଷଣ କରୁଥିବା କୁମ୍ଭକାର ପରିବାର ଏବେ ଚିନ୍ତାରେ। ଏହି କାରିଗରଙ୍କ ପ୍ରତି ସରକାରୀ ଅଧିକାରୀମାନେ ଅବହେଳା କରୁଥିବାରୁ ସେମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। କରୋନା କଟକଣା ପାଇଁ ଦୁଇ ବର୍ଷ ହେଲା ଦୀପାବଳି, ଜାଗର ସମେତ ଅନ୍ୟାନ୍ୟ ପୂଜାପାର୍ବଣ ସ୍ୱାଭାବିକ ଭାବେ ପାଳନ ହେଉ ନ ଥିବାରୁ କୁମ୍ଭକାର ପରିବାର ବହୁ ଅସୁବିଧାରେ ଚଳୁଛନ୍ତି। ତେବେ ବର୍ଷରେ ଦୁଇଥର ଦୀପାବଳି ଓ ଶିବରାତ୍ରୀରେ ମାଟି ଦୀପ ବହୁଳ ବ୍ୟବସାୟ ହେଉଥିବା ବେଳେ ଚଳିତ ବର୍ଷ ଜାଗର ସମୟରେ ମନ୍ଦିରରେ ଦୀପ ଜାଳିବା ପାଇଁ ପ୍ରଶାସନ ଅନୁମତି ଦେଉ ନ ଥିବାରୁ ମାଟି ଦୀପ ବେପାର ମାନ୍ଦା ପଡ଼ିଛି।

ମାଟିରୁ ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ କାରିଗରମାନେ ବାରିପଦା ସ୍ଥିତ ଷ୍ଟେଶନ ବଜାର ହାଟରେ ପସରା ମେଲାଇଛନ୍ତି। ଯୁଗ ବଦଳିବା ସହିତ ମାଟି ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି। ମାଟିକୁ ସୁନ୍ଦର ଆକୃତି ଦେଇ କାରିଗରମାନେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଜାଗର ପାଇଁ ଆବଶ୍ୟକ ମାଟିଦୀପ ପ୍ରସ୍ତୁତି ପାଇଁ କୁମ୍ଭକାର ପରିବାର ୩/୪ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ତେବେ ୫ଦିନ ପରେ ଶିବରାତ୍ରୀ ବା ଜାଗର ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଶାସନ ତରଫରୁ ଅଦ୍ୟାବଧି କୌଣସି ନିୟମାବଳୀ ପ୍ରକାଶ ପାଇ ନ ଥିବାରୁ ବ୍ରତୀମାନେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଶୈବ ପୀଠରେ ଦୀପ ଜାଳିବା ନେଇ ଅନୁମତି ମିଳି ନ ଥିବାରୁ ମାଟିଦୀପ ବିକ୍ରି ମାନ୍ଦା ପଡ଼ିଛି ବୋଲି କୁମ୍ଭକାର ରାଜେନ୍ଦ୍ର ପ୍ରଜାପତି ପ୍ରକାଶ କରିଛନ୍ତି। ସେହିପରି ୫୦ବର୍ଷ ଧରି କୌଳିକ ବୃତ୍ତିକୁ ଆପଣାଇଥିବା ୧୧ନଂ. ୱାର୍ଡ ଡିପାସାହିର ବାସିନ୍ଦା ସାବିତ୍ରୀ ପ୍ରଜାପତି କୁହନ୍ତି, ଷ୍ଟିଲ, ଲୁହା ଓ ପ୍ଲାଷ୍ଟିକ ପାତ୍ରରେ ରନ୍ଧା ଖାଦ୍ୟ ଖାଇ ଲୋକେ ରୋଗାକ୍ରାନ୍ତ ହେଉଥିବାରୁ ମାଟିପାତ୍ର ଉପରେ ଭରସା ବୃଦ୍ଧି ପାଇଛି। ଆବଶ୍ୟକ କଞ୍ଚାମାଲ ଓ ଜାଳେଣି କାଠର ଦରବୃଦ୍ଧି ପାଇଁ ମାଟିପାତ୍ରରୁ ଉଚିତ ମୂଲ୍ୟ ମିଳିପାରୁ ନାହିଁ। ସେହିପରି ଉପଯୁକ୍ତ ବଜାର ବ୍ୟବସ୍ଥା ଓ ଗୋଦାମଗୃହ ଅଭାବରୁ କାରିଗରମାନେ କ୍ଷତି ସହୁଛନ୍ତି ବୋଲି ଦ୍ୱାରିକା ଦାସ ପ୍ରଜାପତି କହିଛନ୍ତି। ମହିଳା କାରିଗର ଆଶା ରାମ କୁହନ୍ତି, ଦୀର୍ଘ ୩୫ବର୍ଷ ଧରି ମାଟି ସାମଗ୍ରୀ ବିକ୍ରି କରି ଦିନକୁ ୨/୩ଶହ ଟଙ୍କା ରୋଜଗାର କରି ୬ପ୍ରାଣୀ କୁଟୁମ୍ବଙ୍କୁ ଚଳାଇ ଆସୁଛି। ସରକାରୀ ସ୍ତରରେ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ମାଟିପାତ୍ରର ଚାହିଦା ବୃଦ୍ଧି ହେବା ସହ କୌଳିକ ବୃତ୍ତି ବଞ୍ଚିରହିବ ବୋଲି ସେ କହିଛନ୍ତି।



ବାରିପଦା ଷ୍ଟେଶନ ବଜାର ହାଟରେ ମାଟି ହାଣ୍ଡିର ପସରା।

# ଦ୍ୱିତୀୟ ଶ୍ରେଣୀ ଛାତ୍ର ନିଖୋଜ

ହାଟଡିହୀ,୨୫।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ସୋସୋ ଥାନା ରୁଗୁଡ଼ିଆ(ଖଣି ବଜାର) ଗ୍ରାମର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ର ନିଖୋଜ ଅଛନ୍ତି। ସେ ହେଲେ ବିଜୟ ପୂର୍ତ୍ତିଙ୍କ ପୁଅ ଦିବାକର। ୪ ବର୍ଷ ତଳେ ବିଜୟଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମା' ଅନ୍ୟତ୍ର ରହୁଛନ୍ତି। ଫଳରେ ପୁଅ ଦିବାକର ନିଜ ଖୁଡି ସୁନାମଣି ପୂର୍ତ୍ତିଙ୍କ ଘରେ ରୁହନ୍ତି। ଛାତ୍ର ଜଣଙ୍କୁ କେନାଲ କାମ କରୁଥିବା ଏକ କମ୍ପାନୀର କର୍ମଚାରୀ ବଳି ଦେଇଥିବା ସନ୍ଦେହ କରି ତାଙ୍କ ଖୁଡି ସୋସୋ ଥାନାରେ ଗୁରୁବାର ରାତିରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୨୯/୨୨) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଛାତ୍ର ଜଣକ ଗତ ବୁଧବାର ଅପରାହ୍ନରୁ ନିଖୋଜ ଥିଲେ। ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରାଯାଇଥିଲା। କିନ୍ତୁ ପତ୍ତା ମିଳି ନ ଥିଲା। ସେ ଏକ ବିଦ୍ୟାଳୟ ପରିସରରେ ବୁଲୁଥିବା କିଛି ଲୋକ ଦେଖିଥିବା କହିଥିଲେ। ଫଳରେ ସ୍ଥାନୀୟ ଲୋକେ ଗୁରୁବାର ସେହି ବିଦ୍ୟାଳୟକୁ ଯାଇଥିଲେ। ଛାତ୍ର ଜଣକ ପିନ୍ଧିଥିବା ପୋଷାକ ଉକ୍ତ ବିଦ୍ୟାଳୟ ପରିସରରୁ ମିଳିଥିଲା। ଫଳରେ ଉତ୍ତ୍ୟକ୍ତ ଲୋକ ବିଦ୍ୟାଳୟ ପରିସରରେ ଭଙ୍ଗାରୁଜା କରିଥିଲେ। କେନାଲ କାମରେ ନିୟୋଜିତ କମ୍ପାନୀ ଗାଡ଼ିକୁ ଟେକା, ପଥର ଫୋପାଡ଼ିଥିଲେ। ସେହି ବିଦ୍ୟାଳୟଟି ଏବେ ବନ୍ଦ ଥିବାବେଳେ କମ୍ପାନୀ କର୍ମଚାରୀମାନେ ଉକ୍ତ ବିଦ୍ୟାଳୟରେ ରୁହନ୍ତି। ଆଇଆଇସି ଉପେନ୍ଦ୍ର ଦାସ କହିଛନ୍ତି, ଛାତ୍ର ଜଣଙ୍କର ମା' ଭଦ୍ରକ ଅଞ୍ଚଳର ଏକ ଇଟା ଫ୍ୟାକ୍ଟ୍ରିରେ କାମ କରନ୍ତି। ସେ ତାଙ୍କ ମା' ପାଖକୁ ଯାଇଥାଇପାରେ। ତାଙ୍କ ମା' ରହୁଥିବା ସ୍ଥାନକୁ ଯାଇ ତଦନ୍ତ ଆରମ୍ଭ କରୁଛୁ।

# ଜଳିଗଲା ଦୁର୍ଘଟଣାଗ୍ରସ୍ତ ଟ୍ରକ୍, କାର୍

ଭଦ୍ରକ ଅଫିସ, ୨୫।୨

ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ତିଶଳପୁର ଛକ ନିକଟରେ ଶୁକ୍ରବାର ଏକ ଟ୍ରକ୍ ଓ କାର୍ ମୁହାଁମୁହିଁ ଧକ୍କା ହୋଇ ଦୁଇ ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଛି। ସୂଚନା ଅନୁଯାୟୀ, କାର୍‌ଟି ରାଣୀତାଲରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସହ ଦୁର୍ଘଟଣା ଘଟିଥିଲା। ଭଦ୍ରକ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କାର୍‌ରେ ଥିବା ଡ୍ରାଇଭରଙ୍କ ସମେତ ଦୁଇ ବ୍ୟକ୍ତି ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।



ରାଜପଥରେ ଜଳୁଥିବା ଟ୍ରକ୍ ଓ କାର୍।

# ଆସନ୍ନ ପ୍ରସବାଙ୍କୁ ମିଳିଲା ସାହାରା

### ଧରିତ୍ରୀ ପ୍ରଭାବ

ବାରିପଦା ଅଫିସ,୨୫।୨

ନିରାପଦ ପ୍ରସବ ନିମନ୍ତେ ଅର୍ଥ ସଞ୍ଚୟ ପାଇଁ ଟ୍ରଲି ଟାଣୁଥିବା ଆସନ୍ନ ପ୍ରସବା ଲକ୍ଷ୍ମୀପ୍ରିୟା ଦାସଙ୍କୁ ମିଳିଛି ସାହାରା। ଏ ନେଇ ଧରିତ୍ରୀରେ 'ଟ୍ରଲି ଟାଣୁଛନ୍ତି ଆସନ୍ନ ପ୍ରସବା' ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଶୁକ୍ରବାର ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନର ସହଯୋଗରେ ଲକ୍ଷ୍ମୀଙ୍କୁ ବାରିପଦା ସ୍ଥିତ ୱାନ୍ ଷ୍ଟପ୍ ସେଣ୍ଟରରେ ରଖାଯାଇଛି। ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ପ୍ରସବ ପର୍ଯ୍ୟନ୍ତ ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ସୂଚନା ମିଳିଛି। ଲକ୍ଷ୍ମୀଙ୍କ ଆଧାର କାର୍ଡ କରାଯାଇ ଖୁବଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲା ଆଇନସେବା ପ୍ରାଧିକରଣର ସଚିବ ସୌମ୍ୟରୂପ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଦୁଇ ଓଳି ଖାଇବା ପାଇଁ ବାରିପଦା ସହରର ଗଳିକନ୍ଦିରେ ଘୁରୁ ବୁଲୁଥିଲେ ଲକ୍ଷ୍ମୀ। ପେଟରେ ବଢୁଥିବା ଭ୍ରୁଣ ଓ ଏକ ବର୍ଷକର ପୁତ୍ର ସନ୍ତାନ ପାଇଁ ଅଳିଆଗଦାରୁ ଜରି, କାଚବୋତଲ ଓ ପ୍ଲାଷ୍ଟିକ ଗୋଟାଇ ସେ ଅର୍ଥ ରୋଜଗାର କରୁଥିଲେ। ନିରାପଦ ପ୍ରସବ ନିମନ୍ତେ ପେଟକୁ କାଟି ଅର୍ଥ ସଞ୍ଚୟ କରୁଥିଲେ। ଆଧାରକାର୍ଡ ନ ଥିବାରୁ ମମତା ଯୋଜନାରେ ଅଙ୍ଗନୱାଡି କେନ୍ଦ୍ରରୁ କୌଣସି ସହାୟତା ପାଇପାରୁ ନ ଥିଲେ। ଏଭଳି ଦୟନୀୟ ସ୍ଥିତିରେ ସ୍ୱାମୀ ବିକାଶ ତାଙ୍କଠାରୁ ଦୂରେଇ ଯିବାରୁ ଭୋକ ଉପାସରେ ଲକ୍ଷ୍ମୀ ଡହଳ ବିକଳ ହେଉଥିଲେ। ଜୀବନ ସଂଗ୍ରାମରେ ସନ୍ତାନର ଭବିଷ୍ୟତ ପାଇଁ ଟ୍ରଲି ଟାଣି ରୋଜଗାର କରୁଥିଲେ। ତାଙ୍କ ଦୟନୀୟ ସ୍ଥିତି ପ୍ରଶାସନର ଦୃଷ୍ଟି ଗୋଚର ହେବା ପରେ ସ୍ୱେଚ୍ଛାସେବୀ ରବୀନ୍ଦ୍ର କୁମାର ମହାନ୍ତି ଓ ମହିଳା କର୍ମଚାରୀମାନେ ପହଞ୍ଚି ଲକ୍ଷ୍ମୀଙ୍କ ପ୍ରତି ସହାୟତାର ହାତ ବଢ଼ାଇଛନ୍ତି।



ଲକ୍ଷ୍ମୀଙ୍କ ଘରେ ପହଞ୍ଚିଥିବା ପ୍ରଶାସନିକ ଅଧିକାରୀମାନେ।

## ଖଇରାରେ ସୌମ୍ୟଙ୍କ ଜନ୍ମଦିନ ପାଳନ

ଖଇରା, ୨୫।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ଦୁର୍ଗା ମଣ୍ଡପ ପରିସରରେ ଖଇରା ମାଟିର ପୁଅ ତଥା ପାରଳାଖେମୁଣ୍ଡିର ଦିବଙ୍ଗତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ୩୨ତମ ଜନ୍ମଦିବସ ପରିବାର ବନ୍ଧୁବର୍ଗ ସାଙ୍ଗସାଥୀ ତଥା ଆତ୍ମୀୟସ୍ୱଜନଙ୍କ ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ପ୍ରଥମେ ସୌମ୍ୟଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ କେକ୍ କଟାଯାଇଥିଲା। ଏହି ଅବସରରେ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ହତ୍ୟାକାଣ୍ଡରେ ସାମିଲ ସମସ୍ତ ଅଭିଯୁକ୍ତଙ୍କୁ ଦଣ୍ଡିତ ହେବାକୁ ପଡିବ ବୋଲି କହିଥିଲେ। ଡମ୍ବରୁଧର ମହାନ୍ତି, ସତ୍ୟବ୍ରତ ପଣ୍ଡା, ସୁବାଶିଷ ଜେନା, ମାୟାଧର କୁଅଁର, କରୁଣାକର ମହାନ୍ତି, କମଳଲୋଚନ ଜେନା, ପର୍ଶୁରାମ ଜେନା, ତ୍ରୟଲୋକ୍ୟ ନାୟକ, ରାଧାକାନ୍ତ ପାତ୍ର ଓ ମାମୁଶୀତିକଣ୍ଠପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୩ ମହିଳା ମଦ ବେପାରୀ ଗିରଫ

ରୂପସା, ୨୫।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଅବକାରୀ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ୩ ମହିଳା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବସ୍ତା ଥାନା ନରଣପୁର ଗ୍ରାମର ସୋମବାରୀ ସିଂ, ଶ୍ୟାମନନ୍ଦପୁରର ଫୁଲ ମାରାଣ୍ଡି ଓ ଦଣ୍ଡିକାର ଅଂସୁ ହାଁସଦା। ସେମାନଙ୍କଠାରୁ ୫୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଥାନା ଓଆଇସି କୁଳମଣି ମହାରଣାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉରେ ସାମିଲ ଥିଲା।

# ଐତିହାସିକ ପତିରାଜପୁର ମେଳା ପ୍ରସ୍ତୁତି

### ଠାକୁରଙ୍କ ନୀତିକାନ୍ତି ହେବ, ୬ରେ ମେଳା ନିଷ୍ପତ୍ତି



ପ୍ରସ୍ତୁତି ବୈଠକରେ ମେଳା କମିଟି କର୍ମକର୍ତ୍ତା।

ଖଇରା, ୨୫।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ପତିରାଜପୁରଠାରେ ଚାଲି ଆସୁଥିବା ଐତିହାସିକ ଦୋଳ ମେଳନ ଆୟୋଜନକୁ ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ପତିରାଜପୁର ଯାତ୍ରୀ ବିଶ୍ରାମାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପିତାମ୍ବର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ରାଧାକୃଷ୍ଣଙ୍କ ବିମାନ ସମୂହ ମେଳା ମଣ୍ଡପକୁ ପୂର୍ବବର୍ଷ ପରି ନିରାଡମ୍ବରରେ ପ୍ରବେଶ କରିବେ ଏବଂ ନୀତିକ୍ରାନ୍ତି ପାରମ୍ପରିକ ରୀତିରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କୋଭିଡ କଟକଣାକୁ ନଜରରେ ରଖି ଦୋକାନ ବଜାର ବସିବା ନେଇ ଆସନ୍ତା ୬ରେ ହେବାକୁ ଥିବା ଚୂଡାନ୍ତ ବୈଠକରେ ନିଷ୍ପତ୍ତି ନିଆଯିବା ସମ୍ପର୍କରେ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ବୈଠକରେ ବରିଷ୍ଠ ସଦସ୍ୟ କ୍ଷେତ୍ରମୋହନ ଖଟୁଆ, ବାଳକୃଷ୍ଣ ଦାଶ, ନିର୍ମଳ କୁମାର ପଣ୍ଡା, ଉଦୟ କୁମାର ନାୟକ, ନାରାୟଣ ପାତ୍ର, ପ୍ରଦୀପ ସାମଲ, ଭୀଷ୍ମ ଚରଣ ନାୟକ, ବଳରାମ ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପୌରନିର୍ବାଚନ ପାଇଁ ଚଳଚଞ୍ଚଳ ରାଜନୈତିକ ଦଳ

ବାଲେଶ୍ୱର ଅଫିସ, ୨୫।୨

ଆସନ୍ତା ମାର୍ଚ୍ଚ ୨୪ତାରିଖରେ ପୌରନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଘୋଷଣା କରିବା ପରେ ବିଭିନ୍ନ ରାଜନୈତିକ ଦଳ ଚଳଚଞ୍ଚଳ ହୋଇପଡିଛନ୍ତି। ଏନେଇ ଚଳିତମାସ ୨୮ ତାରିଖରେ ପୌର ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଏବେଠୁ ଆଶାୟୀମାନେ ଭୁବନେଶ୍ୱରରୁ ବାଲେଶ୍ୱର ପର୍ଯ୍ୟନ୍ତ ନେତାଙ୍କ ପାଖରେ ଲମ୍ବାଲାଇନ୍ ଦେଇଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲାର ୩ ପୌରାଞ୍ଚଳ ବାଲେଶ୍ୱର, ଜଳେଶ୍ୱର ଓ ସୋର ଏବଂ ୨ଟି ବିଜ୍ଞାପିତ ଅଞ୍ଚଳ ନୀଳଗିରି ଓ ରେମୁଣାରେ ପୌର ନିର୍ବାଚନ ହେବ। ଏଥିରେ ପ୍ରାର୍ଥୀ ହେବା ପାଇଁ ମୁଖ୍ୟତଃ ବିଜେଡି ଓ ଭାଜପାରେ ଆଶାୟୀମାନଙ୍କର ଉତ୍କଣ୍ଠା ବଢ଼ିଛି। ପଞ୍ଚାୟତ ନିର୍ବାଚନ ନ ସରୁଣୁ ପୌର ନିର୍ବାଚନର ବିଗୁଲ୍ ବାଜିବାକୁ ନେଇ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଦୀର୍ଘ ୪ବର୍ଷ ଧରି ପୌରାଞ୍ଚଳ ନିର୍ବାଚିତ ପ୍ରତିନିଧିମାନଙ୍କର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ପ୍ରଶାସନ ହାତରେ ପୌରାଞ୍ଚଳଗୁଡ଼ିକୁ ରଖି କାର୍ଯ୍ୟ କରିଆସୁଥିଲେ। ଦୀର୍ଘ ୯ବର୍ଷ ପରେ ପୌରାଞ୍ଚଳବାସୀ ପୁଣି ଭୋଟ୍ ଦେଇ ନୂତନ ପ୍ରାର୍ଥୀମାନଙ୍କୁ ଚୟନ କରିବାକୁ ନେଇ ଉତ୍କଣ୍ଠା ପ୍ରକାଶ କରିଛନ୍ତି। ବାଲେଶ୍ୱର ପୌରପରିଷଦ ଅଧ୍ୟକ୍ଷ ଆସନରେ ମହିଳା ଏବଂ ନୀଳଗିରି ଓ ରେମୁଣା ଏନ୍‌ଏସି ଅଧ୍ୟକ୍ଷ ଆସନ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଜଳେଶ୍ୱର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଆସନ ଅଣସଂରକ୍ଷିତ ରହିଥିବା ବେଳେ ସୋର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଆସନ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି।

# ଫାଇଟର୍ ଇଲେଭେନ ବିଜୟୀ

ଭଣ୍ଡାରିପୋଖରୀ,୨୫।୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବରାହନୂଆପଡ଼ାଠାରେ ଚାଲିଥିବା ମା' ବୁଢ଼ିଜାଗୁଲାଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଫାଇଟର୍ କିଙ୍ଗ୍ କୋଦଣ୍ଡପୁର ଓ ଫାଇଟର୍ ଇଲେଭେନ ସୁନ୍ଦୁରୀମୁହଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇଟର୍ କିଙ୍ଗ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ସମସ୍ତ ଉଇକେଟ ହରାଇ ୨୮ରନ୍ ସଂଗ୍ରହ କରିଥିଲା। ଜବାବରେ ଫାଇଟର୍ ଇଲେଭେନ ସୁନ୍ଦୁରୀମୁହଁ ୪.୪ ଓଭରରେ ୭ଉଇକେଟ ହରାଇ ୨୯ ରନ୍ କରି ଚାମ୍ପିୟନ ହୋଇଛି। ଅମ୍ପାୟାର ଭାବେ ସୌମ୍ୟଜିତ ନାୟକ ଓ ସ୍ୱସ୍ତି ସୁନ୍ଦର ପୁହାଣ ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ଶୁଭଜିତ ନାୟକ ଓ ଭାଷ୍ୟକାର ଭାବେ ଶମ୍ଭୁନାଥ ନାୟକ, ଆଶିଷ କୁମାର ନାୟକ ଦାୟିତ୍ୱ ତୁଲାଇଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମବାୟବିତ୍ ଅରବିନ୍ଦ ନାୟକ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସୁରଥ ଦାସ, ବରିଷ୍ଠ ନାଗରିକ ଧରଣୀଧର ବିଶ୍ୱାଳ, ଉଦୟ କୁମାର ନାୟକ, ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା, ନିଶିକାନ୍ତ ଜେନା, ଦେବେନ୍ଦ୍ର ବିଶ୍ୱାଳ, ତରଣୀ ମହାରଣା, ନରହରି ବିଶ୍ୱାଳ ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ। କ୍ଲବର ସଦସ୍ୟ ଲୋକନାଥ ବିଶ୍ୱାଳ, ଗିରିଶ ଭୋଇ, ରାଧାକୃଷ୍ଣ ବିଶ୍ୱାଳ, ରଜନୀକାନ୍ତ ବିଶ୍ୱାଳ, ସତୀଶ ଭୋଇ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଓମ୍ ନାୟକ, ସନ୍ତୋଷ ପୁହାଣ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳି।

# ନଦିମ ରୟାଲ ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ ଟିମ୍‌ର ଖେଳାଳିମାନେ।

ରୂପସା,୨୫।୨(ଡି.ଏନ.ଏ.)

### ମା' ବୁଢ଼ିଜାଗୁଲାଇ କ୍ରିକେଟ ଟୁର୍ନାମେଣ୍ଟ

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ଟି-୧୦ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିନୋରି ଇଲେଭେନ ଟିମ୍‌କୁ ୬୧ ରନ୍‌ରେ ପରାସ୍ତ କରି ନଦିମ ରୟାଲ ଟିମ୍ ଚାମ୍ପିୟନ ହୋଇଛି।

ପ୍ରଥମେ ନଦିମ ରୟାଲ ଟିମ୍ ବ୍ୟାଟିଂ କରି ୧୪୫ ରନ ସଂଗୃହୀତ କରିଥିଲେ। ବ୍ୟାଟ୍ସମ୍ୟାନ ଚିଣ୍ଟୁ ସର୍ବାଧିକ ୯୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜବାବରେ ବିନୋରି ଇଲେଭେନ ଟିମ୍ ୮୪ରନ୍‌ରେ ଅଲଆଉଟ୍ ହୋଇଯାଇଥିଲେ। ଅମ୍ପାୟାର ରବିରାମ ସିଂ ଓ ମଣ୍ଟୁ ବାରିକ ମ୍ୟାଚ ପରିଚାଳନା କରିଥିଲେ। ରତିକାନ୍ତ ସିଂ ଓ ସଦାଶିବ ସାହୁ ସ୍କୋରିଂ ଦାୟିତ୍ୱରେ ଥିଲେ। ଶିକ୍ଷାବିତ୍ ବିଜୟ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ସଲିମ ଖାଁ ଏବଂ ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୮ହଜାର ଟଙ୍କା, ରନର୍ସ ଅପ ଦଳକୁ ୬ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ କର୍ମକର୍ତ୍ତା କ୍ରିଷ୍ଣଗୋପାଳ ଦାସ, ଅଳୁ ସିଂ, ବ୍ରଜ ସିଂ, ବୀରେନ୍ଦ୍ର ସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ପ୍ରଥମ ଦିନରେ ୭ ଜୋନ୍‌ରେ ହେବ ଭୋଟ ଗଣତି

ଭଦ୍ରକ ଅଫିସ, ୨୫।୨

ଭଦ୍ରକ ଜିଲାର ୭ ବ୍ଲକର ୭ଟି ଜୋନ୍‌ରେ ଶନିବାର ପ୍ରଥମ ଦିନରେ ଭୋଟ ଗଣତି ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରତି ବ୍ଲକ ମୁଖ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ବ୍ୟାପକ ପ୍ରସ୍ତୁତି ସରିଛି। ଚାନ୍ଦବାଲି ବ୍ଲକର ୧ ନଂ. ଜୋନ୍, ତିହିଡ଼ିର ୬, ଧାମନଗରର ୧୦, ବନ୍ତର ୧୪, ବାସୁଦେବପୁରର ୧୭, ଭଣ୍ଡାରିପୋଖରୀର ୨୨ ଓ ଭଦ୍ରକ ବ୍ଲକର ୨୫ ନଂ. ଜୋନ୍‌ରେ ଭୋଟ ଗଣତି କରାଯିବ।

୨୭ ତାରିଖରେ ଦ୍ୱିତୀୟ ଦିନରେ ଚାନ୍ଦବାଲି ବ୍ଲକର ୨ ଓ ୩, ତିହିଡ଼ିର ୭, ଧାମନଗରର ୧୧, ବନ୍ତର ୧୫, ବାସୁଦେବପୁରର ୧୮ ଓ ୧୯, ଭଣ୍ଡାରିପୋଖରୀର ୨୩ ଓ ଭଦ୍ରକ ବ୍ଲକର ୨୬ ନଂ ଜୋନ୍, ୨୮ ତାରିଖ ତୃତୀୟ ଦିନରେ ଚାନ୍ଦବାଲିର ୪ ଓ ୫, ତିହିଡ଼ିର ୮, ଧାମନଗରର ୧୩, ବନ୍ତର ୧୬, ବାସୁଦେବପୁରର ୨୦ ଓ ୨୧, ଭଣ୍ଡାରିପୋଖରୀର ୨୪, ଭଦ୍ରକର ୨୭ ଓ ୨୮ ନଂ. ଜୋନ୍‌ରେ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

## ୨ ବୁଥ୍‌ରେ ହେଲା ସାନି ମତଦାନ

ରାଇରଙ୍ଗପୁର,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବହଳଦା ଓ ତିରିଂ ବ୍ଲକର ୨ଟି ବୁଥ୍‌ରେ ଶୁକ୍ରବାର ସରପଞ୍ଚ ପଦବୀ ଲାଗି ସାନି ମତଦାନ ଅନୁଷ୍ଠିତ ହୋଇଛି। ବହଳଦା ବ୍ଲକ ଅଁଳାଯୋଡ଼ି ପଞ୍ଚାୟତ ତିଖିଆ ଗ୍ରାମ ୨ନଂ.ବୁଥ୍‌ରେ ୬୫ ପ୍ରତିଶତ ଓ ତିରିଂ ବ୍ଲକ କୁଲୁଘୁଟୁ ପଞ୍ଚାୟତ ଜିରାଇ ଗ୍ରାମ ୧୦ନଂ. ବୁଥ୍‌ରେ ୫୨ ପ୍ରତିଶତ ମତଦାନ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ୨୨ ତାରିଖ ଚତୁର୍ଥ ପର୍ଯ୍ୟାୟ ମତଦାନ ବେଳେ ଏହି ଦୁଇଟି ବୁଥ୍‌ରେ ପୋଲିଂ ଅଧିକାରୀ ବାଲଟ ପେପର ଫୋଲ୍ଡିଂରେ ତ୍ରୁଟି କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ସେଠାରେ ସରପଞ୍ଚ ପଦବୀ ଲାଗି ନିର୍ବାଚନ ବାତିଲ ହୋଇଥିଲା।

## ସଂକ୍ଷେପରେ

### ତେଲେଙ୍ଗାନାରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ
#### ହତ୍ୟା କରାଯାଇଥିବା ଅଭିଯୋଗ

ସଜନାଗଡ, ୨୫।୨(ଡି.ଏନ.ଏ.)- ତେଲେଙ୍ଗାନା ରାଜ୍ୟ ୱାରଙ୍ଗଲ ଜିଲା ମୁଲୁଗୁ ଥାନା ଅଧୀନ ଗଉସପଲ୍ଲୀସ୍ଥିତ ଏକ କମ୍ପାନୀରେ କାମ କରୁଥିବା ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କଳାକାଦ ଗାଁର ଶିଶିର ସ (୩୮)ଙ୍କ ଗୁରୁବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଲୋକେ ବରହମ୍ପୁର ଥାନାରେ ଅଭିଯୋଗ କରିଛନ୍ତି। ଶିଶିରଙ୍କ ମୃତଦେହକୁ ଶୁକ୍ରବାର ତାଙ୍କ ସ୍ତ୍ରୀ ଆମ୍ବୁଲାନ୍ସ ଯୋଗେ ଆଣି ଆସିଥିଲେ। ତେବେ ଜୀବନ ପ୍ରତି ବିପଦ ଆଶଙ୍କା କରି ସେ ବରହମପୁର ଥାନାରେ ରହିଛନ୍ତି।

ଅନ୍ୟପକ୍ଷରେ ଶିଶିରଙ୍କ ମୃତ୍ୟୁ ପଛରେ ତାଙ୍କ ସ୍ତ୍ରୀଙ୍କ ହାତ ଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ପରିବାର ଲୋକଙ୍କ ସହ ଗ୍ରାମବାସୀ ୧୯ନଂ. ରାଜ୍ୟ ରାଜପଥ ନୀଳଗିରି-ଉଦଳା ମୁଖ୍ୟରାସ୍ତା କଳାକାଦଠାରେ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି। ଏମ୍‌ପି ପ୍ରତାପ ଷଡଙ୍ଗୀ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଥିଲା।

### ଧାନ କିଣା ବନ୍ଦ, ଚାଷୀ ଅସନ୍ତୋଷ ବଢ଼ିଲା

କେନ୍ଦୁଝର,୨୫।୨(ସ୍ୱ.ପ୍ର.)- ଧାନ କିଣା ବନ୍ଦ ଯୋଗୁ କେନ୍ଦୁଝର ଜିଲାରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଏନେଇ ଶୁକ୍ରବାର ଚାଷୀମାନେ ସିଏସ୍‌ଓ ଅଫିସ ଘେରାଉ କରିଥିଲେ। ଧାନ କିଣା ଲକ୍ଷ୍ୟ ଧାର୍ଯ୍ୟ ଶେଷ ହୋଇ ଯାଇଥିବାରୁ ଚାଷୀମାନେ ଟୋକନ ପାଇଥିଲେ ହେଁ ଧାନ ବିକ୍ରି କରି ପାରୁନାହାନ୍ତି। ଏଣୁ ଏତେ ପରିମାଣରେ ଧାନ କ'ଣ କରିବେ ସେ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ କେତେକ ଚାଷୀ କମ୍ ଦାମରେ ଧାନ ବିକିବାକୁ ବାଧ ହେଉଥିବା ଦିଲ୍ଲୀପ ପଣ୍ଡା କହିଛନ୍ତି। ସେହିପରି ବିକ୍ରି ନ ହୋଇ ପଦାରେ ପଡ଼ିଥିବା ଧାନ ବର୍ଷା ହେଲେ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି।

### ୪ ପୌରପାଳିକା ଓ ଗୋଟିଏ ଏନ୍‌ଏସିରେ ନିର୍ବାଚନ

କେନ୍ଦୁଝର, ୨୫।୨ (ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଆସନ୍ତା ମାର୍ଚ୍ଚ ୨୪ରେ ନିର୍ବାଚନ ହେବା ନେଇ ଘୋଷଣା ହୋଇଛି । ଜିଲାର କେନ୍ଦୁଝର, ବଡବିଲ, ଯୋଡ଼ା ଆନନ୍ଦପୁର ପୌରପାଳିକା ଏବଂ ଚମ୍ପୁଆ ଏନ୍‌ଏସିରେ ନିର୍ବାଚନ ହେବ। ଏଥିପାଇଁ ଭୋଟର ତାଲିକା ପ୍ରସ୍ତୁତ ହୋଇଛି। ସବିଶେଷ ତଥ୍ୟ ଅନୁଯାୟୀ ଜିଲାରେ ସମୁଦାୟ ୧ ଲକ୍ଷ ୫୯ ହଜାର ୭୬୦ ଭୋଟର ୧୮୮ ବୁଥ ରେ ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ।

### ସୁବର୍ଣ୍ଣରେଖାରେ ବୁଡ଼ିଗଲେ ଛାତ୍ର

ଜଳେଶ୍ୱର, ୨୫।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ଼ି ପଞ୍ଚାୟତ ନମକନା ଗାଁର ହେମନ୍ତ ଗିରିଙ୍କ ପୁଅ ନିର୍ମଳ ଗିରି(୧୪) ସୁବର୍ଣ୍ଣରେଖା ନଦୀକୁ ଗାଧୋଇବାକୁ ଯାଇ ବୁଡିଯାଇଛନ୍ତି। ନଦୀରେ ପ୍ରଖରସ୍ରୋତ ଥିବାରୁ ସେ ସେଠାରୁ ୨ କି.ମି. ଦୂର ପର୍ଯ୍ୟନ୍ତ ଭାସିଯାଇଥିଲେ। ପାଳସାହି ପଥରବନ୍ଧ ନିକଟରେ ନାବାଳକ ଭାସୁଥିବା ଲୋକେ ଦେଖିଥିଲେ। ପରେ ଘରଲୋକଙ୍କ ସହାୟତାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଶ୍ଚିମବାର୍ଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନ୍ୟୁ) ଓ ପରେ ଜିକେଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିର୍ମଳ ନମକନା ପ୍ରାଥମିକ ବିଦ୍ୟାଳୟର ୭ମ ଶ୍ରେଣୀରେ ପଢୁଥିଲେ।

### ମାନସିକ ବିକାରଗ୍ରସ୍ତଙ୍କୁ ସହାୟତା

ସାରସକଣା,୨୫।୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆ ବଜାର ଅଞ୍ଚଳରେ ମାନସିକ ବିକାରଗ୍ରସ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧ ଦୀର୍ଘଦିନ ହେଲା ବଜାରରେ ବୁଲୁଥିବା ବେଳେ ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଶାଖା ସଂଯୋଜକ ମଳୟ କୁମାର ନାୟକ ସମସ୍ତଙ୍କ ନଜରକୁ ଆଣିଥିଲେ। ସିପୁ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ର, ସାନ୍ତନୁ କୋଇଲା, ଅଶୋକ କୁମାର ପୃଷ୍ଟି,ଅବିନାଶ ପ୍ରହରାଜ,ରାଜକିଶୋର ବାରିକ, ରାଜେଶ ଭୂୟାଁ ପ୍ରମୁଖ ସ୍ୱେଚ୍ଛାସେବୀମାନେ ତାଙ୍କ ଚୁଟି କାଟି ସ୍ନାନ କରାଇ ନୂତନ କପଡ଼ା ପରିଧାନ କରାଇଥିଲେ। ସ୍ୱେଚ୍ଛାସେବୀମାନଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଫେରିବା ଅପେକ୍ଷାରେ ୫ ଛାତ୍ର

**ଚମ୍ପୁଆ/ପାଟଣା/ଯୋଡ଼ା/ବାରିପଦା ଅଫିସ,୨୫।୨(ଡି.ଏନ୍.ଏ./ସ୍ୱ.ପ୍ର.)**


ଶୁଭମ ସାହୁ


ସ୍ୱାଧୀନ ବିଶ୍ୱାଳ


ସତ୍ୟବ୍ରତ ସାହୁ


ପୀୟୂଷ ଦାସ।


ସୁମନ ଘୋଷ।

କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୫ ଡାକ୍ତରୀ ଛାତ୍ର ୟୁକ୍ରେନରେ ଫସି ରହିଛନ୍ତି। ସ୍ୱଦେଶ ଫେରାଇ ଆଣିବାକୁ ସେମାନଙ୍କ ମାତାପିତା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ଚମ୍ପୁଆ ଅଞ୍ଚଳର ଶୁଭମ କୁମାର ସାହୁଙ୍କୁ ଫେରାଇ ଆଣିବା ପାଇଁ ବାପା ଦିଲ୍ଲୀପ କୁମାର ସାହୁ ସରକାରଙ୍କୁ ନିବେଦନ କରିଥିବା ଜଣାଯାଇଛି। ଶୁଭମ ୨୦୧୮ରେ ୟୁକ୍ରେନର ଭିନିତ୍‌ସିଆକୁ ଡାକ୍ତରୀ ପାଠ ପଢିବାକୁ ଯାଇଥିବା ବେଳେ ବର୍ତ୍ତମାନ ସେ ୪ର୍ଥ ବର୍ଷର ଛାତ୍ର। ସେ ନ୍ୟାଶନାଲ୍ ମେଡିକାଲ ୟୁନିଭର୍ସିଟିରେ ଅଧ୍ୟୟନ କରୁଥିବା ବେଳେ ସାଙ୍ଗମାନଙ୍କ ସହ ଏକ ଫ୍ଲାଟରେ ରହୁଛନ୍ତି। ପାଟଣାର ସ୍ୱାଧୀନ ବିଶ୍ୱାଳ ୟୁକ୍ରେନର ଖାରକିଭ ନ୍ୟାଶନାଲ ମେଡ଼ିକାଲ ୟୁନିଭର୍ସିଟିରେ ଡାକ୍ତରୀ ପଢିବାକୁ ଯାଇ ସେଠାରେ ଫଶିଛନ୍ତି। ସ୍ୱାଧୀନଙ୍କ ବାପା ସୁକାନ୍ତ ବିଶ୍ୱାଳ ପାଟଣା ବ୍ଲକ ଯମୁନା ପଶି ପଞ୍ଚାୟତରେ କୃଷି ବିଭାଗ ସୁପରଭାଇଜର ଭାବେ କାର୍ଯ୍ୟ କରୁଛନ୍ତି। ସେ ପାଟଣା ବ୍ଲକ ଖୀରେଇଟାଙ୍ଗିରୀରେ ଭଡ଼ା ଘରେ ଅବସ୍ଥାନ କରୁଥିବା ବେଳେ ସୁକାନ୍ତଙ୍କ ମୂଳ ଘର ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର ଖଜିରାକଟା ଗାଁରେ। ଯୋଡ଼ା

**ୟୁକ୍ରେନରେ ଫସିଛନ୍ତି**

ସହରର ଛାତ୍ର ସତ୍ୟବ୍ରତ ସାହୁ ୟୁକ୍ରେନ ଦେଶର ଖାକିବ ସହରରେ ରହି ଡାକ୍ତରୀ ପାଠ ପଢୁଛନ୍ତି। ତାଙ୍କ ବାପା ଗଣେଶ ଚନ୍ଦ୍ର ସାହୁ କହିଛନ୍ତି ଆମେମାନେ ପୁଅକୁ ନେଇ ଭୟଭୀତ ଅଛୁ। ସତ୍ୟବ୍ରତ ଘରକୁ ଖବର ଦେଇ କହିଛନ୍ତି ଯେ, ଶୁକ୍ରବାର ଭୋର୍ ସମୟରେ ପ୍ରଚଣ୍ଡ ବୋମା ମାଡ଼ ଶବ୍ଦରେ ଘରଦ୍ୱାର ଥରିଯାଇଥିଲା। ସମସ୍ତେ ଡରିଯାଇଥିଲେ। ସେହିପରି ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକାର ୧୦ନଂ. ୱାର୍ଡ କାଳିମନ୍ଦିର ସାହିର ଛାତ୍ର ପୀୟୂଷ ଦାସ ଓ ୨୬ନଂ. ୱାର୍ଡ ମୁର୍ଗାବାଡି ଅଞ୍ଚଳର ସୁମନ ଘୋଷ ୟୁକ୍ରେନରେ ଫସି ରହିଛନ୍ତି। ପୀୟୂଷ ୫ମ ବର୍ଷ ଓ ସୁମନ ୪ର୍ଥ ବର୍ଷର ଡାକ୍ତରୀ ଛାତ୍ର । ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ଉଭୟଙ୍କ ପରିବାର ଲୋକେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

# ସ୍ନାୟୁରୋଗରେ ଆକ୍ରାନ୍ତ ୨ ବର୍ଷର ଶିଶୁ

**ବନ୍ତ,୨୫।୨(ସ୍ୱ.ପ୍ର.)**

**ଚିକିତ୍ସାରେ ଅର୍ଥ ବାଧକ**


ଚିକିତ୍ସାଧୀନ ଶିଶୁ।

ଭଦ୍ରକ ଜିଲା ବନ୍ତ ବ୍ଲକ ଜିରିଣା ଗ୍ରାମର କୈଳାସ ଯେନାଙ୍କ ସାନପୁଅ ପ୍ରଶାନ୍ତ (୨) ସ୍ନାୟୁ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। କୈଳାସ ଜଣେ ଦିନ ମଜୁରିଆ। ପୁଅର ଚିକିତ୍ସା ଲାଗି ଅର୍ଥ ଯୋଗାଡ଼ କରିପାରୁ ନାହାନ୍ତି। ପୁଅର ସ୍ନାୟୁଜନିତ ରୋଗ ପାଇଁ ରକ୍ତ ଚଳାଚଳ ହୋଇ ପାରୁ ନ ଥିବା ଡାକ୍ତର କହୁଛନ୍ତି। କିଛିଦିନ ତଳେ ରୋଗ ବିଷୟରେ ଜଣାପଡ଼ିବା ପରେ ପ୍ରଥମେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଛି। ଶିଶୁଟି ୭ ଦିନ ଧରି କଟକ ଶିଶୁଭବନରେ ଆଇସିୟୁରେ ଚିକିତ୍ସାଧୀନ ଅଛି।

କୈଳାସଙ୍କର ୩ ପୁଅ ଥିବାବେଳେ ୭ ବର୍ଷର ବଡ଼ପୁଅର ହାତଗୋଡ଼ କାମ କରୁ ନ ଥିବାରୁ ବିଛଣାରେ ପଡ଼ି ରହୁଛନ୍ତି। ସେହିପରି ୫ ବର୍ଷର ମଝିଆ ପୁଅ ହୃଦ୍‌ରୋଗରେ ପୀଡ଼ିତ। ପରିବାର ଆର୍ଥିକ ଅବସ୍ଥା ଶୋଚନୀୟ ଥିବାବେଳେ ପେଟ ପାଇଁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇପଡୁଛି। ଏପରି ସ୍ଥିତିରେ ୩ ପୁଅଙ୍କର ଚିକିତ୍ସା ଓ ଔଷଧ ଖର୍ଚ୍ଚ ତାଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ପ୍ରଶାନ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମୟୂରଭଞ୍ଜରେ ମୁଖ୍ୟ ଶାସନ ସଚିବ


ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ ଦେଓ ମଧ୍ୟମ ଜଳସେଚନପ୍ରକଳ୍ପ କାର୍ଯ୍ୟ ବୁଲି ଦେଖୁଛନ୍ତି।

**ବାରିପଦା ଅଫିସ,୨୫।୨**

**ଦେଓ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମୀକ୍ଷା**

ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୟୂରଭଞ୍ଜ ଜିଲା ଗସ୍ତରେ ଆସି କରଞ୍ଜିଆ ବ୍ଲକ ଅଧୀନ ହାତୀବାରିଠାରେ କାର୍ଯ୍ୟକାରୀ କରାଯାଇଥିବା ଦେଓ ମଧ୍ୟମ ଜଳ ସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି।

ଉକ୍ତ ଜଳସେଚନ ପ୍ରକଳ୍ପର (ଡ୍ୟାମ୍) ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଦେଓ ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିବା ସହିତ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଶାସନ ସଚିବଙ୍କ ଜିଲା ଗସ୍ତ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ୍ ଭରଦ୍ୱାଜ, ଆରକ୍ଷୀ ଅଧିକ୍ଷକ ରିଷିକେଶ୍ ଦ୍ୟାନଦେଓ ଖିଲାରୀ, କରଞ୍ଜିଆ ଉପ ଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଦେଓ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ବାଦଲ କୁମାର ସାହୁ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଅଜିତ୍ କୁମାର ଜେନା, ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ସାହୁ, ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଇଂ. ପ୍ରଫୁଲ୍ଲ କୁମାର ପ୍ରଧାନ, ସିନିୟର ମ୍ୟାନେଜର (ସିଭିଲ୍) ବିଜୟ ଦାସ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ଯନ୍ତ୍ରୀ ଓ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଅଧ୍ୟକ୍ଷ ପଦ ପାଇଁ ବଢୁଛି ଆଶାୟୀଙ୍କ ସଂଖ୍ୟା

**ବାରିପଦା ଅଫିସ,୨୫।୨**

ରାଜ୍ୟରେ ପୌର ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ ମୟୂରଭଞ୍ଜ ଜିଲାର ବାରିପଦା, ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁରରେ ରାଜନୀତି ଉଷ୍ଣତା ବୃଦ୍ଧି ପାଇଛି। ବିଭିନ୍ନ ଦଳରେ ଥିବା ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅଧ୍ୟକ୍ଷ ପଦ ପାଇଁ ଲବି ଜୋର ଧରିଛି। ଆଶାୟୀମାନେ ଭୁବନେଶ୍ୱରରେ ଡେରା ପକାଇଥିବା ବେଳେ ଚୂଡ଼ାନ୍ତ ଟିକଟ କାହାକୁ ଦିଆଯିବ ସେ ନେଇ ଅଙ୍କକଷା ଚାଲିଛି । ଅପରପକ୍ଷରେ ବାରିପଦା ପୌର ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି ।

ଜିଲାରେ ଥିବା ବାରିପଦା, ରାଇରଙ୍ଗପୁର ପୌର ପରିଷଦ ଏବଂ କରଞ୍ଜିଆ ଓ ଉଦଳା ବିଜ୍ଞାପିତ ପରିଷଦ ପାଇଁ ଆସନ୍ତା ମାର୍ଚ୍ଚ ୨୪ରେ ନିର୍ବାଚନ ଅନୁଷ୍ଠିତ ହେବ। ବାରିପଦା ପୌର ପରିଷଦରେ ଥିବା ୨୮ଟି ୱାର୍ଡର ଭୋଟ ତାଲିକାରେ ମୋଟ ୮୧ହଜାର ୨୨୨ଜଣ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରୁ ୪୧ହଜାର ୨୦୩ମହିଳା, ୪୦ହଜାର ୧୫ଜଣ ପୁରୁଷ ଓ ୪ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ୮୨ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ଚଳିତ ଥର ଅଧ୍ୟକ୍ଷ ପଦ ନିମନ୍ତେ ସିଧାସଳଖ ନିର୍ବାଚନ ହେଉଥିବାରୁ ଅନେକ ଆଶାୟୀଙ୍କ ନାମ ଶୁଣିବାକୁ ମିଳୁଛି । ଦଳରେ ଥିବା ପୁରୁଣା ଓ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିମାନେ ଅଧ୍ୟକ୍ଷ ପଦ ପାଇଁ ଆଶୟୀ ରହିଥିବା ବେଳେ ନୂଆ ମୁହଁ ପଦ ପାଇଁ ଚର୍ଚ୍ଚା ଜୋର ଧରିଛି।

# 'ନିର୍ବାଚନ ପରବର୍ତ୍ତୀ ହିଂସାକୁ ନିୟନ୍ତ୍ରଣ କରାଯାଉ'

**ଭଦ୍ରକ ଅଫିସ,୨୫।୨**

ଚଳିତ ପଞ୍ଚାୟତ ନିର୍ବାଚନର ପଠରବର୍ତ୍ତୀ ହିଂସାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ବିକାଶ ବାହିନୀର ଭଦ୍ରକ ଜିଲା ଶାଖା ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛି। ଭଦ୍ରକ, ଧାମନଗର, ଚାନ୍ଦବାଲି ଓ ତିହିଡ଼ି ବ୍ଲକରେ ନିର୍ବାଚନୀ ହିଂସା ଯୋଗୁ କେଉଁଠି ଧନଜୀବନ କ୍ଷତି ଘଟିଛି ତ ଅନ୍ୟ କେଉଁଠି ଗୁରୁତର ଆହତ ହୋଇଛନ୍ତି। ଏଣୁ ନିର୍ବାଚନ ପରବର୍ତ୍ତୀ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପଦକ୍ଷେପ ନେବାକୁ ବିକାଶ ବାହିନୀ ପକ୍ଷରୁ ଦାବି କରାଯାଇଛି। ଭୋଟ ଗଣତି ପ୍ରକ୍ରିୟା ପାଇଁ ଜିଲାର ସମସ୍ତ ଛକ ଓ ବଜାରରେ ପୋଲିସ ପହରା ବ୍ୟବସ୍ଥା ତଥା ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ବୋଲି ସଙ୍ଗଠନର ସଦସ୍ୟମାନେ ଦାବି କରିଛନ୍ତି। ରାଜ୍ୟ ସଂଯୋଜକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରମୋଦ ସାମଲ, ମନୋଜ ପାଢ଼ୀ, ଭରତ ବାରିକ, ଅକ୍ଷୟ ଜେନା, ଅର୍ଜୁନ ମଣ୍ଡଳ, ନିରୁପମା ମିଶ୍ର, ଲୀଳାବତୀ ଜେନା, ନନ୍ଦକିଶୋର ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ।

# ରାଜନଗରରେ ସାନି ମତଦାନ ଶେଷ



ରାଜନଗର ଗ୍ରାମରେ ଭୋଟରମାନେ ଧାଡ଼ିରେ ଛିଡା ହୋଇଛନ୍ତି।

**ସଜନାଗଡ଼, ୨୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତରେ ୫ନଂ. ୱାର୍ଡ ଓ ୫ ନଂ. ବୁଥ୍‌ର ରାଜନଗର ଗ୍ରାମରେ ପୁଣିଥରେ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ଯାଏ ମତଦାନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଗତ ୨୨ତାରିଖରେ ନିର୍ବାଚନ ହେଉଥିବା ବେଳେ ବାଲଟ୍ ପେପର ଫୋଲ୍ଡିଂରେ ତ୍ରୁଟିକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ପରେ ନୀଳଗିରି ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ, ଏସ୍‌ଡିପିଓ ରିତେଶ ମହାପାତ୍ର ଉକ୍ତ ବୁଥ୍‌ରେ ପହଞ୍ଚି ଅନୁଧାନ କରି ମତଦାନକୁ ବନ୍ଦ କରିଥିଲେ।

# ୧୪ ବୁଥ୍‌ରେ ହେଲା ସାନି ନିର୍ବାଚନ

**ଭଦ୍ରକ ଅଫିସ/ଧାମନଗର, ୨୫।୨ (ଡି.ଏନ.ଏ.)**


ଧାମନଗର ବ୍ଲକ ପଧାନୀରେ ଭୋଟ୍ ଦେବାକୁ ଧାଡ଼ିରେ ଛିଡ଼ା ହୋଇଛନ୍ତି ଭୋଟର।

ଭଦ୍ରକ ଜିଲା ତିହିଡ଼ି ଓ ଧାମନଗର ବ୍ଲକର ୧୪ ବୁଥ୍‌ରେ ଶୁକ୍ରବାର ସାନି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ିର ୧୧ ବୁଥ୍ କୋହ୍ଲ ପଞ୍ଚାୟତର ୪ ଓ ୫, ଫତେପୁରର ୪, ୭, ୧୧, ତଳଗୋପବିନ୍ଧାର ୧,୨, ୩, ୫, ୧୦ ଓ ୧୩ ନଂ. ଭୋଟ ଗ୍ରହଣ କେନ୍ଦ୍ରରେ କଡ଼ା ପୋଲିସ ପହରା ମଧ୍ୟରେ ସାନି ମତଦାନ ହୋଇଛି।

ସେହିପରି ଧାମନଗର ବ୍ଲକର ୩ ବୁଥ୍ କଟସାହି, ପଧାନୀ ଓ ଅର୍ଜ୍ଜୁନପୁରରେ ଗୁରୁବାର ନିର୍ବାଚନ ବେଳେ ରିଗିଂ ଯୋଗୁ ଶୁକ୍ରବାର ସାନି ଭୋଟ୍ ହୋଇଛି। ପୋଲିସ ପହରା ମଧ୍ୟରେ କଟସାହିର ୧, ଅର୍ଜ୍ଜୁନପୁରର ୪ ଓ ପଧାନୀର ୬ ନଂ. ବୁଥ୍‌ରେ ଭୋଟରମାନେ ମତଦାନ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୩ ବୁଥ୍‌ରେ ଶାନ୍ତିଶୃଙ୍ଖଳାରେ ଭୋଟ ଗ୍ରହଣ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମିନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତିନ୍ଦ୍ର ପଣ୍ଡା, ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ, ବିଡିଓ ଦୁର୍ଗାଚରଣ ମୁର୍ମୁ, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ପ୍ରମୁଖ ବୁଥ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ତିହିଡ଼ିରେ ୭୭.୭୭ ପ୍ରତିଶତ ଓ ଧାମନଗରରେ ୭୭.୩୦ ପ୍ରତିଶତ ମତଦାନ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଫଳାଫଳ ଅପେକ୍ଷାରେ ୧୩ହଜାର ୩୭ ପ୍ରାର୍ଥୀ

**ବାରିପଦା ଅଫିସ/ କୁଆମରା,୨୫।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାରେ ଅନୁଷ୍ଠିତ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଫଳାଫଳକୁ ନେଇ ପ୍ରାର୍ଥୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଜିଲାର ୨୬ଟି ବ୍ଲକରେ ଥିବା ୫୬ ଜିଲା ପରିଷଦ, ୪୦୪ଟି ସରପଞ୍ଚ ଓ ସମିତିସଭ୍ୟ ଏବଂ ୫୩୮୩ ୱାର୍ଡସଭ୍ୟ ପଦବୀଙ୍କ ପାଇଁ ନିର୍ବାଚନ ଶେଷ ହୋଇଛି। ମୋଟ ୧୩ହଜାର ୩୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ସିଲ୍ ହୋଇ ପଡ଼ିଛି। ଭୋଟ ବାକ୍ସ ଗୁଡ଼ିକ ବ୍ଲକ କାର୍ଯ୍ୟାଳୟ ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷା ବଳୟରେ ଥିବା ବେଳେ ୨୬, ୨୭ ଓ ୨୮ ତାରିଖରେ ଭୋଟ ଗଣତି ଆରମ୍ଭ ହେବ । ୨୬ତାରିଖରେ ୧, ୩, ୬, ୮, ୧୦, ୧୨, ୧୪, ୧୬, ୧୮, ୨୦, ୨୨, ୨୫, ୨୭, ୨୯, ୩୧, ୩୩, ୩୫, ୩୮, ୪୧, ୪୩, ୪୫, ୪୭, ୪୯, ୫୧, ୫୩ ଓ ୫୫ନଂ, ଜିଲା ପରିଷଦ ଜୋନର ଭୋଟ ଗଣତି ହେବାକୁ ଥିବା ବେଳେ ୨୭ତାରିଖରେ ୨, ୪, ୭, ୯, ୧୧, ୧୩, ୧୫, ୧୭, ୧୯, ୨୧, ୨୩, ୨୬, ୨୮, ୩୦, ୩୨, ୩୪, ୩୬, ୩୯, ୪୨, ୪୪, ୪୬, ୪୮, ୫୦, ୫୨, ୫୪ ଓ ୫୬ନଂ. ଜିଲା ପରିଷଦ ଜୋନ୍‌ର ଭୋଟ ଗଣତି ହେବ। ୨୮ତାରିଖରେ କପ୍ତିପଦାର ୫ନଂ. ବଡ଼ସାହିର ୨୪ନଂ. ବେତନଟୀର ୩୭ନଂ. ଓ ମୋରଡ଼ାର ୪୦ନଂ. ଜିଲା ପରିଷଦ ଜୋନ୍ ଭୋଟ ଗଣତି ହେବ ବୋଲି ପଞ୍ଚାୟତ ଅଧିକାରୀ ଭଗବାନ ଗୌଡ଼ କହିଛନ୍ତି ।

# ୭୫.୮୨ ପ୍ରତିଶତ ମତଦାନ

**ବାହାନାଗା, ୨୫।୨(ଡି.ଏନ.ଏ.)**

**ଆଜିଠୁ ଗଣତି**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଗତ ମଙ୍ଗଳବାର ୪ର୍ଥ ପର୍ଯ୍ୟାୟ ଭୋଟ ଅନୁଷ୍ଠିତ ହୋଇଥିଲା। ସମସ୍ତ ପଞ୍ଚାୟତରେ ୭୫.୮୨ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । ୨୪ ପଞ୍ଚାୟତ ପାଇଁ ଅନୁଷ୍ଠିତ ନିର୍ବାଚନରେ ୧ଲକ୍ଷ ୧୫ ହଜାର ୮୮୨ ଭୋଟର ମତ ସାବ୍ୟସ୍ତ କରିଛନ୍ତି । ଆସନ୍ତା ୨୬ରୁ ୨୮ତାରିଖରେ ୩ଦିନ ତିନୋଟି ଜୋନକୁ ନେଇ ଭୋଟଗଣତି ହେବ। ପ୍ରତ୍ୟେକ ଦିନ ଗୋଟିଏ ଜୋନରେ ଯେତିକି ପଞ୍ଚାୟତ ଥିବ ସେଗୁଡିକ ସେହିଦିନ ଗଣତି କରାଯାଇ ବିଜୟୀ ଘୋଷଣା କରାଯିବ। ସେଥିପାଇଁ ବ୍ଲକରେ କଡାକଡି ପ୍ରସ୍ତୁତି ଆରମ୍ଭ ହୋଇଛି। ଭୋଟରମାନେ କେଉଁ ପ୍ରାର୍ଥୀଙ୍କୁ ନିଜର ପଞ୍ଚାୟତ ସୁପରିଚାଳନା ଓ ସାଧାରଣ ଲୋକଙ୍କ ଦୁଃଖସୁଖର ସାଥି, ପଞ୍ଚାୟତର ଉନ୍ନତି କରିପାରିବେ ସେଭଳି ପ୍ରାର୍ଥୀଙ୍କୁ ବାଛିଛନ୍ତି। ଶାନ୍ତିଶୃଙ୍ଖଳାରେ ଭୋଟ ଗ୍ରହଣ ପାଇଁ ୩୪୩ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଥିଲା। ଏଥିପାଇଁ ୩ଶହ ୪୩ଜଣ ପୋଲିଂ ଅଫିସର ନିଯୁକ୍ତି ହୋଇଥିବା ବେଳେ ସେକ୍ଟର ଅଫିସର ୨୭ଜଣ ନିଯୁକ୍ତ ହୋଇଥିଲେ। ନିର୍ବାଚନରେ ୧୦୫୯ଜଣ ଲୋକ ପ୍ରତିନିଧି ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ମଧ୍ୟରେ ୮୮ ସରପଞ୍ଚ, ୭୬ ସମିତିସଭ୍ୟ, ୮୯୫ ୱାର୍ଡସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭୋଟ ସରିବା ପରେ ଭୋଟବାକ୍ସଗୁଡିକୁ ଜଉମୁଦ ଦେଇ ସିଲ୍‌କରାଯାଇ କଡା ସୁରକ୍ଷା ମଧ୍ୟରେ ବ୍ଲକ କାର୍ଯ୍ୟାଳୟକୁ ନିଆଯାଇ ୩ଟି ଷ୍ଟ୍ରଙ୍ଗରୁମ୍ ସିସି କ୍ୟାମେରା ନଜରରେ ରଖାଯାଇଛି। ଆସନ୍ତା ଶନିବାର, ରବିବାର, ସୋମବାର ୩ ଦିନ ତାହା ଗଣତି ହେବ।

# ଭାଗ୍ୟ ପରଖିବେ ୨ ମହାରଥୀ

**ଖଇରା, ୨୫।୨(ଡି.ଏନ.ଏ.)**


ଶେଷ ପର୍ଯ୍ୟାୟରେ ଭୋଟ ଗଣତି କେନ୍ଦ୍ର।

ବାଲେଶ୍ୱର ଜିଲା ଖଇରା ବ୍ଲକ ୩ନଂ. ଜୋନର ଭୋଟ ଗଣତି କାର୍ଯ୍ୟ ଶନିବାର ଖଇରା ମହାବିଦ୍ୟାଳୟ ପରିସରରେ କରାଯିବାକୁ ସବୁପ୍ରକାର ବନ୍ଦୋବସ୍ତ କରାଯାଇଛି । ସକାଳ ୮ଟାରୁ ଅନୁଷ୍ଠିତ ହେବାକୁ ଥିବା ଏହି ଗଣତି ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିବା ବିଡିଓ ପର୍ଶୁରାମ ପଣ୍ଡା ଓ ପରିଚାଳନା ଦାୟିତ୍ୱରେ ଥିବା ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ କହିଛନ୍ତି । ସୁରକ୍ଷା ଲାଗି ପର୍ଯ୍ୟାପ୍ତ ପୋଲିସ ବନ୍ଦୋବସ୍ତ କରାଯାଇଛି । ଖଇରା ମହାବିଦ୍ୟାଳୟ ସମ୍ମୁଖ ସୋର-କୁପାରୀ ରାସ୍ତାରେ ଭିଡ ନ ଜମାଇବାକୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଛି । ଜଣେ ଅତିରିକ୍ତ ଏସ୍‌ପି, ୨ ଇନ୍ସପେକ୍ଟରଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ଆଇଆଇସି ଗଣେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

କୁପାରୀ ଜିଲା ପରିଷଦ ଜୋନ ଅଧୀନରେ ଥିବା ବଡନୂଆଗାଁ, ବର୍ତ୍ତନା, ବାଉଁଶଗଡିଆ, ଗଡପୋଖରୀ, ହରିପୁର, କଇଥଗଡିଆ, କୁପାରୀ, ନୟାଖଣ୍ଡି, ରଟିଣା, ସାରକୋଣା ଆଦି ପଞ୍ଚାୟତରେ ସରପଞ୍ଚ ଏବଂ ସମସ୍ତ ୱାର୍ଡସଭ୍ୟ ପଦବୀ ପାଇଁ ଭୋଟଗଣତି ହେବ । ଏଥିପାଇଁ ନିଯୁକ୍ତ ହୋଇଥବା ୭୦ଜଣ ପ୍ରାଥମିକ ସ୍କୁଲ ଶିକ୍ଷକମାନଙ୍କୁ ଶୁକ୍ରବାର ତାଲିମ ପ୍ରଦାନ କରାଯାଇଛି । କୁପାରୀ ଜୋନ ଜିଲା ପରିଷଦ ପଦବୀରେ ଚଳିତ ନିର୍ବାଚନରେ ଖଇରା ରାଜନୀତିରେ ୨ ମହାରଥୀଙ୍କ ମଧ୍ୟରେ ଲଢେଇ ହେଉଛି। ଏହି ଜୋନରେ

**୩ନଂ. ଜୋନରେ ଭୋଟଗଣତି ଆଜି**

୨ଥର ଜିଲା ପରିଷଦ ପଦବୀ ଅକ୍ତିଆର କରିଥିବା ଭାଜପାର ଗଜେନ୍ଦ୍ର ପ୍ରସାଦ ଦାସ ଓ ୨ ଥର ବ୍ଲକ ଉପାଧ୍ୟକ୍ଷ ହୋଇଥିବା ବିଜେଡିର ଜୟନ୍ତ କୁମାର ରାଉତ ମୁହାଁମୁହିଁ ହୋଇଛନ୍ତି । ସେହିଭଳି ଗଜେନ୍ଦ୍ରଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଦାସ ଓ ଜୟନ୍ତଙ୍କ ଭାଇବୋହୂ ଭବଜ୍ୟୋତ୍ସ୍ନା ନାୟକଙ୍କ ମଧ୍ୟରେ କଡା ମୁକାବିଲା ହେଉଛି। ଏହଛଡା ପୂର୍ବରୁ ଜିଲା ପରିଷଦ ସଭ୍ୟ ରହିବା ସହ ଏକାଧିକ ବାର ସରପଞ୍ଚ ରହିଥିବା ବିଷ୍ଣୁ ଘଡେଇ ହରିପୁରରୁ ସମିତିସଭ୍ୟ ତଥା ରଟିଣାରୁ ସମିତିସଭ୍ୟା ଭାବେ ଲଢୁଥିବା ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଛବିଲତା ମହାପାତ୍ରଙ୍କ ଭାଗ୍ୟ ପରୀକ୍ଷା ହେବ।

# ଆଇପିଏଲ୍ ଫର୍ମାଟରେ ପରିବର୍ତ୍ତନ

**ନୂଆଦିଲ୍ଲୀ, ୨୫।୨ (ପି.ଟି.)**



■ ୨ ଗ୍ରୁପ୍‌ରେ ବିଭକ୍ତ ହେବେ ୧୦ ଦଳ

■ ପ୍ରତ୍ୟେକ ଦଳ ଖେଳିବେ ୧୪ ଲେଖାଏ ମ୍ୟାଚ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୨ ସଂସ୍କରଣ ଏକ ନୂଆ ଫର୍ମାଟରେ ଖେଳାଯିବ। ଏଥିରେ ଅଂଶଗ୍ରହଣ କରୁଥିବା ୧୦ଟି ଦଳକୁ ଦୁଇ ଭାଗରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୫ ଲେଖାଏ ଦଳ ରହିବେ। ପ୍ରତିଟି ଦଳ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଶୁକ୍ରବାର ଗ୍ରୁପିଂ କରାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ, କୋଲକାତା ନାଇଟ୍ ରାଇଡର୍ସ, ରାଜସ୍ଥାନ ରୟାଲ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଦଳକୁ ଗ୍ରୁପ୍-ଏ'ରେ ସ୍ଥାନ ମିଳିଛି। ସେହିପରି ଗ୍ରୁପ୍ ବି'ରେ ଚେନ୍ନାଇ ସୁପର କିଙ୍ଗ୍ସ, ସନରାଇଜର୍ସ ହାଇଦ୍ରାବାଦ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ପଞ୍ଜାବ କିଙ୍ଗ୍ସ ଓ ଗୁଜରାଟ ଟାଇଟାନ୍ସ ରହିଛନ୍ତି। ବର୍ଷବର୍ଷ ଧରି ୮ଟି ଦଳକୁ ନେଇ ଆଇପିଏଲ ଖେଳାଯାଉଛି। ରାଉଣ୍ଡ ରବିନରେ ପ୍ରତ୍ୟେକ ଦଳ ପ୍ରତ୍ୟେକ ଦଳକୁ ୨ଥର ଲେଖାଏ ଭେଟିଆନ୍ତି। ଏହିପରି ପ୍ରତ୍ୟେକ ଦଳ ୧୪ଟି ଲେଖାଏ ଗେମ୍ ଖେଳିଆନ୍ତି।

ପରିବର୍ତ୍ତିତ ଫର୍ମାଟରେ ଖେଳାଯିବାକୁ ଥିବା ଆଇପିଏଲ୍ ଲାଗି ଗ୍ରୁପିଂ ପାଇଁ ରେଡି ରେକୋନର ପଦ୍ଧତି ଅନୁସରଣ କରାଯାଇଛି। ଆଇପିଏଲ୍‌ରେ ଦଳଗୁଡ଼ିକର ପ୍ରଦର୍ଶନକୁ ଭିତ୍ତି କରି ଗ୍ରୁପ୍ ଏ' ଓ ଗ୍ରୁପ୍ ବି' ପାଇଁ ଦଳ ସ୍ଥିର କରାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ଏପର୍ଯ୍ୟନ୍ତ ଆଇପିଏଲ୍‌ରେ ସବୁଠାରୁ ଭଲ ପ୍ରଦର୍ଶନ କରି ୫ ଥର ଟାଇଟଲ ଜିତିଛି। ତେଣୁ ପ୍ରଥମ ଦଳ ଭାବେ ଏହାକୁ ଗ୍ରୁପ୍ ଏ'ରେ ସାମିଲ କରାଯାଇଛି। ଚାରିଥର ଟାଇଟଲ ଜିତିଥିବା ଚେନ୍ନାଇ ସୁପର କିଙ୍ଗ୍ସ ଦ୍ୱିତୀୟ ଶ୍ରେଷ୍ଠ ଦଳ ହୋଇଥିବାରୁ ତାକୁ ଗ୍ରୁପ୍ -ବି'ରେ ପ୍ରଥମ ଦଳ ଭାବେ ନିଆଯାଇଛି। ବର୍ତ୍ତମାନ ତୃତୀୟ ଶ୍ରେଷ୍ଠ ଦଳ ଗ୍ରୁପ୍-ଏ'ରେ ସ୍ଥାନ ପାଇବ। ସେ ହେଲା କୋଲକାତା ନାଇଟ ରାଇଡର୍ସ। ଏହି ଦଳ ଦୁଇଥର ଚାମ୍ପିୟନ ହୋଇଛି। ଚତୁର୍ଥ ଟିମ୍ ଭାବେ ସନରାଇଜର୍ସ ହାଇଦ୍ରାବାଦ ଗ୍ରୁପ୍-ବି'ରେ ସ୍ଥାନ ପାଇବା ସ୍ୱାଭାବିକ। ଏହି ଦଳ ଥରେ ମାତ୍ର ଟାଇଟଲ ଜିତିପାରିଛି। ୫ମ ଶ୍ରେଷ୍ଠ ଦଳ ରାଜସ୍ଥାନ ରୟାଲ୍ସ (୧ ଟାଇଟଲ)କୁ ଗ୍ରୁପ୍ ଏ'ରେ ନିଆଯାଇଛି। ୬ଷ୍ଠ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (୩ ଥର ଫାଇନାଲିଷ୍ଟ)କୁ ଗ୍ରୁପ୍-ବି'ରେ ସ୍ଥାନ ମିଳିଛି। ୭ମ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ଗ୍ରୁପ୍-ଏ'ରେ ରହିଛି। ଏହି ଦଳ ଥରେ ଫାଇନାଲ ଓ ଦୁଇଥର ପ୍ଲେ-ଅଫ୍ ଖେଳିଛି। ୮ମ ଦଳ ଭାବେ ପଞ୍ଜାବ କିଙ୍ଗ୍ସ ଗ୍ରୁପ୍-ବି'ରେ ସ୍ଥାନ ପାଇବା ସ୍ୱାଭାବିକ।

# ଜାନିଙ୍କ ଦ୍ୱିଶତକ, ସୌରାଷ୍ଟ୍ରର ବୃହତ୍ ସ୍କୋର

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୨୫।୨(କ୍ରୀଡ଼ା ପ୍ରତିନିଧି):** ଚିରାଗ ଜାନିଙ୍କ ଦ୍ୱିଶତକ ବଳରେ ସୌରାଷ୍ଟ୍ର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ବୃହତ୍ ସ୍କୋର କରିଛି। ପ୍ରଥମ ଇନିଂସରେ ସୌରାଷ୍ଟ୍ର ୫୦୧ ରନ କରିଥିବାବେଳେ ଶୁକ୍ରବାର ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ଏହାର ପ୍ରଥମ ଇନିଂସରେ ୫୨ ରନ ମଧ୍ୟରେ ୩ଟି ଉଇକେଟ ହରାଇ ବିପଦରେ ପଡ଼ିଛି। ପୂର୍ବ ମ୍ୟାଚରେ ଶତକ ହାସଲ କରିଥିବା ଶାନ୍ତନୁ ମିଶ୍ର ୪, ଅନୁରାଗ ଷଡ଼ଙ୍ଗୀ ୧୯ ଓ ଦେବାଶିଷ ସାମନ୍ତରାୟ ୨୦ ରନକରି ଆଉଟ ହୋଇଛନ୍ତି। ସୌରାଷ୍ଟ୍ର ପକ୍ଷରୁ ଅଧିନାୟକ ଜୟଦେବ ଉନାଡକଟ୍, ଚେତନ ସାକାରିଆ ଓ ଧର୍ମେନ୍ଦ୍ରସିନ୍ ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ହାତରେ ୭ ଉଇକେଟ ଥାଇ ଓଡ଼ିଶା ଆହୁରି ୪୪୯ ରନ ପଛରେ ରହିଛି। ତେଣୁ ଫଲୋଅନ ଏଡ଼ାଇବା ଓଡ଼ିଶା ପାଇଁ ପ୍ରଥମ ଚ୍ୟାଲେଞ୍ଜ ରହିବ। ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୨୫/୪ରୁ ଖେଳ ଆରମ୍ଭ କରିଥିବା ସୌରାଷ୍ଟ୍ର ଜାନିଙ୍କ ଦ୍ୱିଶତକ ସହାୟତାରେ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ୩୭୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଜାନି ୩୩ ଚୌକା ଓ ୪ ଛକା ସହାୟତାରେ ୨୩୫ ରନ କରି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଅର୍ପିତ ବାସବଦା ୬୧ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଜୟନ୍ତ ବେହେରା ୪ଟି, ବସନ୍ତ ମହାନ୍ତି ୩ଟି ଏବଂ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ଅଭିଷେକ ରାଉତ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସୌରାଷ୍ଟ୍ର ପ୍ରଥମ ଇନିଂସ: ୫୦୧/ଅଲ୍‌ଆଉଟ (ଚିରାଗ ଜାନି-୨୩୫, ଶେଲଡନ ଜ୍ୟାକସନ-୭୫, ଅର୍ପିତ ବାସବଦା-୬୧, ଜୟନ୍ତ ବେହେରା-୪/୧୪୮, ବସନ୍ତ ମହାନ୍ତି-୨/୮୨, ଦେବବ୍ରତ ପ୍ରଧାନ-୧/୭୨, ଅଭିଷେକ ରାଉତ-୧/୫୨, ଶୁଭ୍ରାଂଶୁ ସେନାପତି-୧/୨୪)। ଓଡ଼ିଶା ପ୍ରଥମ ଇନିଂସ: ୫୨/୩।

# ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ, ଟେବୁଲ ଟେନିସ ଆରମ୍ଭ

**ଭୁବନେଶ୍ୱର, ୨୫।୨ (କ୍ରୀଡ଼ା ପ୍ରତିନିଧି)**



ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଟେନିସ (ପୁରୁଷ) ପ୍ରତିଯୋଗିତା ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ। ସେହିପରି ଇଷ୍ଟଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେବୁଲ ଟେନିସ (ପୁରୁଷ) ମଧ୍ୟ କିଟ୍‌ରେ ଆରମ୍ଭ ହୋଇଛି। ଏହା ୨୮ ତାରିଖରେ ଶେଷ ହେବ। ପ୍ରତି ଜୋନ୍‌ରୁ ୪ଟି ଲେଖାଏ ଏହିପରି ମୋଟ ୧୬ଟି ଦଳ ଟେନିସ ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ୩୦ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଛନ୍ତି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ଧର୍ମଶାଳା, ୨୫।୨(ପି.ଟି.):** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ଏଠାରେ ଶନିବାର ଖେଳାଯିବ। ଏହି ମ୍ୟାଚ ଜିତି ଆୟୋଜକ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ଆଗୁଆ କବ୍‌ଜା କରିବା ଲକ୍ଷ୍ୟରେ ରହିବ। ଅନ୍ୟପକ୍ଷରେ ଭ୍ରମଣକାରୀ ଦଳ ଏଥିରେ ବିଜୟ ହାସଲ କରି ସିରିଜରେ ଆଶାକୁ ଉଜ୍ଜୀବିତ କରିବାକୁ ଚାହିଁବ। ଗତ ବର୍ଷ ଟି୨୦ ବିଶ୍ୱକପ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରୁ ଭାରତ ବିଦାୟ ନେଇଥିଲା। କିନ୍ତୁ ୪ବର୍ଷ ପରେ ଦଳ ଏବେ ସଂଗଠିତ ହୋଇପାରିଛି। ଦଳର ବିଭିନ୍ନ ପୋଜିଶନରେ ପ୍ରତିଭାସମ୍ପନ୍ନ ଯୁବଖେଳାଳିଙ୍କୁ ପରୀକ୍ଷାମୂଳକ ବ୍ୟବହାର କରାଯାଇଛି। ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଅଷ୍ଟ୍ରେଲିଆରେ ଖେଳାଯିବାକୁଥିବା ବିଶ୍ୱକପ୍ ପାଇଁ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳର ଖେଳାଳି ତାଲିକା ପ୍ରାୟ ପ୍ରସ୍ତୁତ ହୋଇ ସାରିଛି ବୋଲି କହିଲେ ଚଳେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ରନ ପାଇଁ ସଂଘର୍ଷ କରିଥିବା ଯୁବ ଓପନର ଇଶାନ କିଶନ ଗୁରୁବାର ଶ୍ରୀଲଙ୍କା ବିପକ୍ଷ ଓପନରରେ ଧମାକାଦାର ବ୍ୟାଟିଂ କରିଥିବାରୁ ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। କଟିରେ ଆଘାତପ୍ରାପ୍ତ ଯୋଗୁ ପ୍ରଥମ ମ୍ୟାଚ ଖେଳି ନ ଥିବା ଋତୁରାଜ ଗାଏକ୍ୱାଡ ଯଦି ଶନିବାର ପଡ଼ିଆକୁ ଓହ୍ଲାନ୍ତି ତେବେ ସେ କିଶନଙ୍କ ସହ ଓପନ କରିବେ। ରୋହିତ ଫାଷ୍ଟ ଡାଉନ୍‌ରେ ବ୍ୟାଟିଂ କରିବେ। ଫିଟ୍ ହୋଇ ଦଳକୁ ଫେରିଥିବା ରବୀନ୍ଦ୍ର ଜାଡେଜାଙ୍କ ବ୍ୟାଟିଂ ଅର୍ଡରରେ ପଦୋନ୍ନତି ହୋଇପାରେ ବୋଲି ରୋହିତ ସୂଚନା ଦେଇଛନ୍ତି। ବୋଲିଂରେ ଭାରତର ଉନ୍ନତି ଘଟିଛି। ଗୁରୁବାର ମ୍ୟାଚରେ ଦଳ ବୋଲିଂରେ ୭ଜଣଙ୍କୁ ନିୟୋଜିତ କରିପାରିଥିଲା। ଭେଙ୍କଟେଶ ଆୟାର ଯଦିଓ ବହୁ ରନ ଦେଇଥିଲେ, ସେ କିନ୍ତୁ ୨ ଉଇକେଟ ଅକ୍ତିଆର କରିପାରିଥିଲେ। ଅନ୍ୟପକ୍ଷରେ କ୍ରମାଗତ ୧୦ଟି ମ୍ୟାଚରେ ବିଜୟ ହାସଲ କରିଥିବା ଭାରତର ବିଜୟ ଧାରାକୁ ରୋକିବାକୁ ଚେଷ୍ଟା କରିବ ଶ୍ରୀଲଙ୍କା। ଗତ ମ୍ୟାଚରେ ଦଳର ଟପ୍ ଅର୍ଡର ବିଫଳ ରହିଥିଲା। ଫ୍ରଣ୍ଟଲାଇନ୍ ସ୍ପିନର ମହେଶ ଥିକ୍ସାନା ଓ ୱାନିନ୍ଦୁ ହସରଙ୍ଗାଙ୍କ ଅନୁପସ୍ଥିତିରେ ଶ୍ରୀଲଙ୍କା ଗତ ମ୍ୟାଚରେ ଭାରତକୁ ସାମ୍ନା କରିବା ବେଳେ ସଂଘର୍ଷ ଚଳାଇଥିବା ଲକ୍ଷ୍ୟ କରାଯାଇଥିଲା।

# ଜିମ୍ବାୱେ, କେନିଆକୁ ସସ୍‌ପେଣ୍ଡ କଲା ଫିଫା

**ଖ୍ରୀଷ୍ଟଚର୍ଚ୍ଚ, ୨୫।୨(ଏପି):** ଫିଫା ଜିମ୍ବାୱେ ଓ କେନିଆକୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ସସ୍‌ପେଣ୍ଡ କରିଛି। ଏହି ଦୁଇ ଦେଶର ଫୁଟ୍‌ବଲ ଆସୋସିଏଶନ ପରିଚାଳନାରେ ସରକାରୀ ହସ୍ତକ୍ଷେପ ହେଉଥିବା ଅଭିଯୋଗ ହୋଇଥିଲା। ଜିମ୍ବାୱେରେ ସ୍ଥାନୀୟ ସରକାରଙ୍କ ଦ୍ୱାରା ପରିଚାଳିତ ସ୍ପୋର୍ଟ୍ସ ଆଣ୍ଡ ରିକ୍ରିଏଶନ କମିଶନ ଫୁଟ୍‌ବଲ ଆସୋସିଏଶନକୁ ନିଜ ନିୟନ୍ତ୍ରଣରେ ରଖିଛି। କେନିଆରେ କ୍ରୀଡ଼ା ମନ୍ତ୍ରଣାଳୟ ଦେଶର ଫୁଟ୍‌ବଲ ମହାସଂଘ ନେତୃମଣ୍ଡଳ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ସେମାନଙ୍କୁ ବହିଷ୍କାର କରିଛି।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୨୫।୨(କ୍ରୀଡ଼ା ପ୍ରତିନିଧି)**

**ପ୍ରଶାନ୍ତ ମହାପାତ୍ର ସ୍ମାରକୀ କ୍ରିକେଟ**

ନବ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ସ୍ଥାନୀୟ ବିଜେବି କଲେଜ ଖେଳ ପଡ଼ିଆରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲରେ ଜ୍ୟୋତି ମର୍ଟର୍ସ, ଦ୍ୱିତୀୟ କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂ, ତୃତୀୟ କ୍ୱାର୍ଟରରେ ୟୁନିୟନ ସ୍ପୋର୍ଟିଂ ଓ ୪ର୍ଥ କ୍ୱାର୍ଟର ଫାଇନାଲରେ ସୋଲାର କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ପ୍ରଥମ ସେମିଫାଇନାଲ ଜ୍ୟୋତି-ସୋଲାର ଏବଂ ଦ୍ୱିତୀୟ ସେମିଫାଇନାଲ ରାମେଶ୍ୱର-ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକୁ ଶରତ ଚନ୍ଦ୍ର ସାହୁ, ସୁଶାନ୍ତ ଦାସ, ଅଜୟ ନାୟକ, ଦିଲୀପ ସାମଲ ପରିଚାଳନା କରିଥିଲେ। ପ୍ରଶାନ୍ତ ମହାପାତ୍ରଙ୍କ ସ୍ମୃତିରେ ଏହି ଟୁର୍ନାମେଣ୍ଟ ପ୍ରତିବର୍ଷ ଆୟୋଜନ କରାଯିବ ବୋଲି ନବ ଦାସ ସ୍ମୃତି କମିଟି ଆବାହକ ନରେନ୍ଦ୍ର ଦାସ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ, ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ବିସିସିଆଇ ମ୍ୟାଚ ରେଫରି ପ୍ରଶାନ୍ତଙ୍କର ଗତବର୍ଷ କୋଭିଡ୍-୧୯ରେ ଅକାଳ ବିୟୋଗ ହୋଇଥିଲା।

# ବ୍ଲାକ୍ ବେଲ୍ଟ ପରୀକ୍ଷାରେ ୪୧ ଉତ୍ତୀର୍ଣ୍ଣ

**ଭୁବନେଶ୍ୱର, ୨୫।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ସୁକୋକାଇ ଶୈଳୀରେ ସର୍ବଭାରତୀୟ ସ୍ତରୀୟ ବ୍ଲାକ୍ ବେଲ୍ଟ ପରୀକ୍ଷା ଓ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ବର୍ଷକୁ ଦୁଇଥର ଅନୁଷ୍ଠିତ ହେଉଥିବା ଏହି ଶିବିରରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ ଓ ଗୁଜରାଟରୁ ପ୍ରଶିକ୍ଷକ ଓ ବ୍ଲାକବେଲ୍ଟ ପରୀକ୍ଷାର୍ଥୀ ଯୋଗ ଦେଇଥିଲେ। ଶୁକ୍ରବାର ପ୍ରଥମ ଦିବସରେ ୭୪ ପ୍ରଶିକ୍ଷକ ଯୋଗ ଦେଇଥିଲେ। ୫୨ଜଣ କରାଟେକା ବ୍ଲାକ୍ ବେଲ୍ଟ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୧ଜଣ କୃତକାର୍ଯ୍ୟ ହୋଇଥିଲେ। ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ଡ. ହରିପ୍ରସାଦ ପଟ୍ଟନାୟକ ପରୀକ୍ଷା ପରିଚାଳନା କରିଥିଲେ। ଦୀପକ ସାମନ୍ତରାୟ, ରାଜୀବ କୁମାର ସିଂ, ମହେଶ ବରାଳ, ଗୌରୀ ମହାନ୍ତି, ସୁରେଶ ଚନ୍ଦ୍ର ଜାଲ୍, ଦୁର୍ଗା ପ୍ରସାଦ ରଥ, ଉମାକାନ୍ତ ସେନାପତି, ମୁନା ସିଂଲାଲ, ଏନ୍. ବି. ପଟ୍ଟନାୟକ, ଗୋପାଳ ଦାସ, ଉମାକାନ୍ତ ବେହେରା, ଅନୁପମା ସ୍ୱାଇଁ, ମୋନାଲି ସାହୁ ଓ ସନ୍ଦୀପ ଦାସ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ।



ସର୍ବଭାରତୀୟ ସ୍ତରୀୟ ବ୍ଲାକ୍‌ବେଲ୍ଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କରାଟେକାମାନେ କର୍ମକର୍ତ୍ତା ଓ ଅଫିସିଆଲଙ୍କ ଗହଣରେ।

# ଆଜିଠୁ ବିହାରୀଲାଲ ସ୍ମାରକୀ କ୍ରିକେଟ

**ପୁରୁଣା ଭୁବନେଶ୍ୱର, ୨୫।୨(ଡି.ଏନ.ଏ.):** ସ୍ଥାନୀୟ ପୋଖରୀପୁଟ ବିହାରୀଲାଲ ଷ୍ଟାଡିୟମରେ ଶନିବାର ଓ ରବିବାର ୨ ଦିନଧରି ଟି୧୦ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ରାମେଶ୍ୱର, ମହାରାଜା, ସହିଦ, ସ୍କାନ, ଜାଗୃତି, ଓଲ୍ଡଟାଉନ୍, କ୍ରାଉନ୍, ଖୋର୍ଦ୍ଧା ଆଦି ୮ଟି ଦଳ ଭାଗନେବେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ସଭାପତି ଅକ୍ଷୟ ଜେନା ପ୍ରକାଶ କରିଛନ୍ତି।

# ସ୍ୱର୍ଣ୍ଣ ସହ ଚାନୁଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଯୋଗ୍ୟତା

**ସିଙ୍ଗାପୁର, ୨୫।୨(ପି.ଟି.):** ସିଙ୍ଗାପୁର ୱେଟ୍‌ଲିଫ୍ଟିଂ ଇଣ୍ଟରନ୍ୟାଶନାଲରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଚାନୁ ଏଠାରେ ପ୍ରଥମ ଥର ୫୫କେଜି ଓଜନ ଶ୍ରେଣୀରେ ଭାଗ ନେଇଥିଲେ। ସେ ୧୯୧ କେଜି (୮୬କେଜି+ ୧୦୫କେଜି) ଓଜନ ଉଠାଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ଜିତିଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ଜେସିକା ସେୱାଷ୍ଟେଙ୍କୋ ୧୬୭କେଜି (୭୭କେଜି+୯୦କେଜି) ଓଜନ ଉଠାଇଥିଲେ, ଯାହାକି ଚାନୁଙ୍କଠାରୁ ୨୪ କେଜି କମ୍।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

Bid document No.: OMC/E-PROC/CMC/61/2022 Dt.25.02.2022
No.CAD-2303:

| | | |
|---|---|---|
| 1 | Work name | DIAMOND CORE DRILLING WORK FOR IRON ORE LEASES IN KOIRA & BARBIL REGION (through e-tendering) |
| 2 | Availability of tender documents on the e-tendering portal of Government of Odisha | Date: 28.02.2022, Time: 5.00 P.M. |
| 3 | Last date for sending queries to OMC, if any | Date:10.03.2022; Time: 5.00 P.M. ; queries may be sent by email to cmc@odishamining.in |
| 4 | Pre bid Meeting | Date:- Time: 14.03.2022 at 3.30 P.M. by Virtual Mode |
| 5 | Issue of responses to pre-bid queries, addendum/ corrigendum, if required | Date:- 17.03.2022 |
| 6 | Bid Due Date | Date: 30.03.2022, Time: 5.00 P.M. |
| 7 | Opening of Techno-Commercial Bid | Date:31.03.2022 ; Time: 11.00 A.M. |
| 8 | Opening of Price Bid | To be informed to the Technically Qualified Bidders |
| 9 | Tender Paper Fee (non-refundable) including GST | Amount: INR 11,800/- (Rupees eleven thousand eight hundred only) including GST @18% Payable online on the e-tender portal of Government of Odisha (www.tendersodisha.gov.in) |
| 10 | Earnest Money Deposit (EMD) | Amount: INR 16,60,000/- (Sixteen Lakh Sixty Thousand) only Payable online on the e-tender portal of Government of Odisha (www.tendersodisha.gov.in) |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

**Sd./-Head (C&P)**
OIPR-30005/11/0246/2122

## ଭୁବନେଶ୍ୱର ମହାନଗର ନିଗମ

Phone: 0674-2431253, Fax: 0674-2432895
E_mail: info@bmc.gov.in, Web: bmc.gov.in

ସଂଖ୍ୟା: 14118 — ତାରିଖ: 22.02.2022
XXXVIII (Market)-26/18

**ବିଜ୍ଞାପନ**

C-1948: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭୁବନେଶ୍ୱର ମହାନଗର ନିଗମର BMC-Bhawani Complex, Sahid Nagarରେ ଖାଲି ଥିବା ଜାଗା ମାସିକ @ Rs.50/- (Fifty) only per Sq.ft. ହିସାବରେ ଭଡ଼ା ଦେବା ପାଇଁ ସ୍ଥିରୀକୃତ ହୋଇଅଛି। ମହଲାରେ ରହିଥିବା ଖାଲି ଜାଗାର ଏକ ନକଲ ନିମ୍ନମତେ ପ୍ରଦାନ କରାଗଲା। ଭଡ଼ା ସୂତ୍ରରେ ନେବା ପାଇଁ ଉଦ୍ଦିଷ୍ଟ ସର୍ତ୍ତାବଳୀ ନୋଟିସ ସହିତ ସଂଲଗ୍ନ ହୋଇ BMC-Websiteରେ ଉପଲବ୍ଧ ଅଛି।

**Details of Asset of Bhubaneswar Municipal Corporation share for letting out the space are given below:**

| Name of the Asset | Floor | Super Built-up Area (In Sq.ft.) |
|---|---|---|
| BMC - Bhawani Complex (BMC Portion), Sahid Nagar, Bhubaneswar | 2nd Floor | 5720 Sq.ft. space as centrally, A.C. with official partitions |
| Basement Car Parking Area - Available (10 Nos. of Car). | | |
| Terrace Car Parking Area - Available (On Rent) | | |

ପ୍ରକାଶଥାଉ କି ଇଚ୍ଛୁକ ଥିବା ବ୍ୟକ୍ତି ବିଶେଷ ଚାହୁଁଥିବା ଜାଗାର ତଦାରଖ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କୁ ନିଗମ କାର୍ଯ୍ୟାଳୟ ସମୟରେ (ଛୁଟିଦିନ ବ୍ୟତୀତ) ତା୨୫।୦୩।୨୦୨୨ରିଖ ସୁଦ୍ଧା ଜଣାଇବାକୁ ଅନୁରୋଧ। ଇଚ୍ଛୁକ ଥିବା ବ୍ୟକ୍ତି ବିଶେଷ ନିଜ ସ୍ୱାକ୍ଷର ଥିବା ଦରଖାସ୍ତକୁ ଲଫାପାରେ ଉପଆୟୁକ୍ତ (ମାର୍କେଟ), ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର-୧୪ଙ୍କ ଠିକଣାରେ ରେଜିଷ୍ଟ୍ରୀ ଡାକରେ ତା୨୮।୦୩।୨୦୨୨ରିଖ ଅପରାହ୍ନ ଘ୫.୦୦ଟିକା ସୁଦ୍ଧା ପ୍ରେରଣ କରିବେ। ଯଦି କୌଣସି ସ୍ଥଳରେ ଏକାଧିକ ଆବେଦନ ପତ୍ର ଗ୍ରହଣ କରାଯାଏ, ତେବେ ବି.ଏମ୍.ସି. କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବଳବତ୍ତର ରହିବ।

ସ୍ୱା./- ଉପ ଆୟୁକ୍ତ (ମାର୍କେଟ)
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0145/2122

## ଓଡ଼ିଶା ସରକାର
## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
**ଘୋଷଣା**

File No. 593 — Dt.23.12.2021

No. II-26: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act., 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ପଶାସଂଙ୍ଗ, ଥାନା: ଢେଙ୍କାନାଳ ସଦର, ତହସିଲ: ଓଡ଼ାପଡ଼ା, ଜିଲ୍ଲା: ଢେଙ୍କାନାଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act. 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୦୯ ତା୧୧।୦୬।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ପଶାସିଂଙ୍ଗ, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

**ତଫସିଲ 'କ'**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ଢେଙ୍କାନାଳ — ତହସିଲ: ଓଡ଼ାପଡ଼ା

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୪୩ | ରୟତି | ୧୮୭୯/୨୪୭୮ | ଜଳାଶୟ - ୧ | ୦.୧୬୦ | ୦.୦୩୦ | ଖଗେଶ୍ୱର ବେହେରା, ପି.- ସୁଦର୍ଶନ ବେହେରା, ଜା: ଗୋପାଳ, ବା: ନିଜିଗାଁ |
| ୪୩ | ରୟତି | ୧୮୭୯/୨୪୭୭ | ଶାରଦ - ୩ | ୦.୨୩୦ | ୦.୦୭୦ | |
| ୪୩ | ରୟତି | ୧୮୭୯ | ଶାରଦ - ୩ | ୦.୪୦୦ | ୦.୦୫୦ | |
| ୫୪ | ରୟତି | ୧୮୭୯/୨୪୭୬ | ଶାରଦ - ୩ | ୦.୪୬୦ | ୦.୦୮୦ | ଗିରିଧାରୀ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଗଗନ ବିହାରୀ ମହାନ୍ତି, ପି.- ବନ୍ଧୁ ମହାନ୍ତି, ଜା: ଖଣ୍ଡାୟତ, ବା: ରସାସିଂଙ୍ଗ |
| ୯୫ | ରୟତି | ୧୮୭୮ | ଶାରଦ - ୩ | ୦.୧୦୦ | ୦.୦୧୦ | ଦୁଃଶାସନ ବେହେରା, ପି.- ଶିବ ବେହେରା, ଜା: ଗୋପାଳ, ବା: ନିଜିଗାଁ |
| ୧୩୩ | ରୟତି | ୧୬୬୭ | ଶାରଦ - ୩ | ୦.୧୦୦ | ୦.୦୮୦ | ବାଙ୍କନିଧି ବେହେରା, ପି.- ସୁଦର୍ଶନ ବେହେରା, ଜା: ଗୋପାଳ, ବା: ନିଜିଗାଁ |
| ୧୪୬ | ରୟତି | ୧୮୭୯/୨୪୭୫ | ଶାରଦ - ୩ | ୦.୭୪୦ | ୦.୦୬୦ | ବାଳକୃଷ୍ଣ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ପି.- ମୁରଲିଧର ମହାନ୍ତି, ଜା: ଖଣ୍ଡାୟତ, ବା: କାଉଁରିଆପାଳ |
| | | | | ମୋଟ | ୦.୩୮୦ | |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ........................ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ଢେଙ୍କାନାଳ — ତହସିଲ: ଓଡ଼ାପଡ଼ା

| ଗ୍ରାମର ନାମ | ଗ୍ରାମୀଣ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ ........................................ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ
OIPR-24034/14/0033/2122

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

No. RDM-LAC-KNJ-0035-2019-35576 — ତା. 25 NOV 2021

No. XXI-146: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା-ସଡ଼ଙ୍ଗୀ, ଥାନା-ବାରିଆ ନଂ ୧୦୪, ତହସିଲ-ଚମ୍ପୁଆ, ଜିଲ୍ଲା-କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କେନ୍ଦୁଝର ଜିଲ୍ଲାରେ କାନପୁର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, କାନପୁର ଜଳସେଚନ ଡିଭିଜନ ନଂ.୨, ରିମୁଳି, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୬୫୭, ତା.୧୩.୦୮.୨୦୧୯ ରିଖରେ ପ୍ରକାଶିତ ହୋଇଅଛି ଏବଂ କୋଭିଡ-୧୯ ମହାମାରୀ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ସାଧାରଣ ବିଜ୍ଞପ୍ତି ସଂଖ୍ୟା ୨୭୭୧, ତା.୨୫.୦୧.୨୦୨୧ ରିଖ ଅନୁସାରେ ତା.୨୨.୦୩.୨୦୨୦ ରିଖରୁ ତା.୩୧.୧୨.୨୦୨୦ ରିଖ (୨୮୫ ଦିନ) ଓ ସାଧାରଣ ବିଜ୍ଞପ୍ତି ସଂଖ୍ୟା ୨୭୫୮୦, ତା.୧୩.୦୯.୨୦୨୧ ରିଖ ଅନୁସାରେ ତା.୦୫.୦୫.୨୦୨୧ ରିଖରୁ ତା.୩୧.୦୭.୨୦୨୧ ରିଖ (୮୮ ଦିନ) ପର୍ଯ୍ୟନ୍ତ ସମୟକୁ ଉକ୍ତ ଧାରା ଅଧୀନରେ ହିସାବରୁ ବାଦ ଦିଆଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ସଡ଼ଙ୍ଗୀ, ଥାନା-ବାରିଆ, ନଂ.୧୦୪, ତହସିଲ- ଚମ୍ପୁଆ, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, କାନପୁର ଜଳସେଚନ ପ୍ରକଳ୍ପ ରିମୁଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-କେନ୍ଦୁଝର — ତହସିଲ-ଚମ୍ପୁଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସଡ଼ଙ୍ଗୀ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୪.୮୦ | ଏଥିସହିତ ସଂଲଗ୍ନ କରାଗଲା |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-କେନ୍ଦୁଝର — ତହସିଲ-ଚମ୍ପୁଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୮.୧୨.୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

**ମୌଜା-ସଡ଼ଙ୍ଗୀ (ଗ୍ରାମାଞ୍ଚଳ), ଥାନା-ବାରିଆ ନଂ.୧୦୪, ତହସିଲ-ଚମ୍ପୁଆ, ଜିଲ୍ଲା-କେନ୍ଦୁଝରର କାନପୁର ଜଳସେଚନ ପ୍ରକଳ୍ପର ମାଇନର ଏବଂ ସବ୍ ମାଇନର କେନାଲ ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|
| ୨୯ | ରୟତି | ୪୬୭ | ତଇଲା ଦୁଇ | ୦.୪୩ | ୦.୨୪ | କ୍ଷେତ୍ର ମହାନ୍ତ,ବୁଢ଼ୀ ମହାନ୍ତ,ଖିର ମହାନ୍ତ,କଂସ ମହାନ୍ତ, ପି -ଅର୍ଜୁନ ମହାନ୍ତ ଓଗେର,ଜା-କୁଡୁମି,ବା-ନିଜଗାଁ |
| ୩୦ | ରୟତି | ୩୯୧ | ବାଜେଫସଲ ଦୁଇ | ୦.୪୭ | ୦.୧୦ | ଗଣେଶ୍ୱର ମହାନ୍ତ, ପି -ଫୁଟୁଆ ମହାନ୍ତ, ଜା-କୁଡୁମି,ବା-ନିଜଗାଁ |
| | | ୩୯୨ | ଶାରଦ ଦୁଇ | ୦.୦୮ | ୦.୦୫ | |
| ୪୮ | ରୟତି | ୪୮୪ | ଶାରଦ ଦୁଇ | ୦.୪୨ | ୦.୦୫ | ଦୟାନିଧି ମହାନ୍ତ, ପବିତ୍ର ମହାନ୍ତ, ପି -ହରିଆ ମହାନ୍ତ, ଜା-କୁଡୁମି,ବା-ନିଜଗାଁ |
| ୪୯ | ରୟତି | ୧୪୯ | ଶାରଦ ଦୁଇ | ୦.୩୫ | ୦.୧୦ | ଦୟାନିଧି ମହାନ୍ତ,ପବିତ୍ର ମହାନ୍ତ, ଖାପି ମହାନ୍ତ, ବା-ନିଜଗାଁ, କାଜରୀ ମହାନ୍ତ, ବା-କଙ୍କଡା,ବୈଦେହି ମହାନ୍ତ, ବା-ଗଣ୍ଡବରେଇ, ପି -ହରି ମହାନ୍ତ,ପୁଟି ମହାନ୍ତ, ସ୍ୱା-ହରି ମହାନ୍ତ,ଜା-କୁଡୁମି, ବା-ନିଜଗାଁ |
| | | ୧୫୧ | ଶାରଦ ଦୁଇ | ୦.୪୫ | ୦.୨୬ | |
| ୬୧ | ରୟତି | ୪୬୩ | ଶାରଦ ଦୁଇ | ୦.୧୮ | ୦.୦୪ | ଦୁଲାଲ ମହାନ୍ତ,ମହେଶ୍ୱର ମହାନ୍ତ, ରଘୁ ମହାନ୍ତ, ବା-ନିଜଗାଁ, ଉଲାସି ମହାନ୍ତ, ବା-ଗୁଲୁଦିପସି, ଚାଲି ମହାନ୍ତ, ବା-ତିଣ୍ଡା, ନିରାସ ମହାନ୍ତ, ବା-ଜାମିତୀ,ଜି-ମୟୂରଭଞ୍ଜ,ପି -ଜଗ ମହାନ୍ତ, ତୁଲା ମହାନ୍ତ, ସ୍ୱା-ପିତାମ୍ବର ମହାନ୍ତ, ଜା-କୁଡୁମି, ବା-ନିଜଗାଁ |
| ୬୪ | ରୟତି | ୩୩୧ | ଶାରଦ ତିନି | ୦.୨୪ | ୦.୧୪ | ଧନେଶ୍ୱର ମହାନ୍ତ, ପି -ପଂଚୁଆ ମହାନ୍ତ, ଜା-କୁଡୁମି, ବା-ନିଜଗାଁ |
| ୬୯ | ରୟତି | ୩୯୩ | ଶାରଦ ଦୁଇ | ୦.୧୮ | ୦.୧୧ | ନରେନ୍ଦ୍ର ମହାନ୍ତ, ଧନେଶ୍ୱର ମହାନ୍ତ, ଗଣେଶ୍ୱର ମହାନ୍ତ, ପି -ଫୁଟୁଆ ମହାନ୍ତ, ଜା-କୁଡୁମି, ବା-ନିଜଗାଁ |
| | | ୩୯୬ | ଶାରଦ ଦୁଇ | ୦.୦୮ | ୦.୦୬ | |
| | | ୩୯୪ | ବାଜେଫସଲ ଦୁଇ | ୦.୩୭ | ୦.୦୬ | |
| | | ୩୯୫ | ବାଜେଫସଲ ଦୁଇ | ୦.୩୧ | ୦.୦୯ | |
| ୭୧ | ରୟତି | ୧୪୭ | ଶାରଦ ଦୁଇ | ୦.୨୨ | ୦.୦୬ | ନାକୁ ନାଏକ, ପି -ଯଦୁ ନାଏକ, କାହ୍ନୁ ନାଏକ, କାଳିଚରଣ ନାଏକ,ପି -ମଧୁ ନାଏକ ଓଗେର, ଜା-ସାଉଁନ୍ତି, ବା-ନିଜଗାଁ |
| ୮୦ | ରୟତି | ୩୮୮ | ଶାରଦ ତିନି | ୦.୧୫ | ୦.୦୫ | ପଦୁ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ତ୍ରିଲୋଚନ ମହାନ୍ତ, ଶୁଚୀ ମହାନ୍ତ, ପି -ଅନନ୍ତ ମହାନ୍ତ, ଲୁଡୁ ମହାନ୍ତ, ସ୍ୱା-ଅନନ୍ତ ମହାନ୍ତ, ଜା-କୁଡୁମି, ବା-ନିଜଗାଁ |
| | | ୩୮୭ | ଶାରଦ ଏକ | ୦.୬୫ | ୦.୦୮ | |
| | | ୩୩୨ | ତଇଲା ଦୁଇ | ୦.୧୦ | ୦.୦୫ | |
| | | ୩୮୯ | ବାଜେଫସଲ ଦୁଇ | ୦.୨୫ | ୦.୧୪ | |
| | | ୩୯୭ | ବାଜେଫସଲ ଦୁଇ | ୦.୩୫ | ୦.୦୫ | |
| ୮୯ | ରୟତି | ୩୩୫ | ବାଜେଫସଲ ଦୁଇ | ୦.୨୨ | ୦.୦୧ | ଫଉଦା ମହାନ୍ତ, ବା-ନିଜଗାଁ, ସାର ମହାନ୍ତ, ବା-ପଣସି, ଥା-ଜସିପୁର,ପି -ଜୀବଧନ ମହାନ୍ତ ଓଗେର, ଜା-କୁଡୁମି, ବା-ନିଜଗାଁ |
| ୧୧୫ | ରୟତି | ୧୦୦ | ଶାରଦ ଦୁଇ | ୦.୩୮ | ୦.୩୮ (ଗୋଚର ବଳକା) | ଭଞ୍ଜ ସାହୁ, ପି -କରୁଣୀ ସାହୁ, ଜା-ତେଲି, ବା-ନିଜଗାଁ |
| ୧୧୬ | ରୟତି | ୪୭୮ | ଶାରଦ ଏକ | ୧.୮୪ | ୦.୦୫ | ଭଞ୍ଜ ମହାନ୍ତ, ପି -ନାଲୁ ମହାନ୍ତ, ଘାସି ମହାନ୍ତ, ପି -ହେଙ୍ଗୁଆ ମହାନ୍ତ ଓଗେର,ଜା-କୁଡୁମି,ବା-ନିଜଗାଁ |
| | | ୪୭୬ | ଶାରଦ ଦୁଇ | ୦.୬୬ | ୦.୨୨ | |
| | | ୪୭୭ | ଶାରଦ ଦୁଇ | ୦.୮୦ | ୦.୬୭ | |
| ୧୩୧ | ରୟତି | ୧୯୧ | ବାଜେଫସଲ ଦୁଇ | ୦.୬୨ | ୦.୦୪ | ରଘୁନାଥ ମହାନ୍ତ, ପି -ଜଗ ମହାନ୍ତ, ଜା-କୁଡୁମି, ବା-ନିଜଗାଁ |
| | | ୧୯୨ | ତଇଲା ଦୁଇ | ୦.୬୧ | ୦.୧୩ | |
| | | ୧୯୨/୨୪୯୮ | ଘରବାରୀ | ୦.୨୦ | ୦.୧୫ | |
| ୧୪୩ | ରୟତି | ୧୯୫ | ଘରବାରୀ | ୦.୦୯ | ୦.୦୫ | ଲକ୍ଷ୍ମଣ ମହାନ୍ତ,ଦୁଃଖୁ ମହାନ୍ତ, ପି -ନବିନ ମହାନ୍ତ ଓଗେର, ଜା-କୁଡୁମି,ବା-ଗଣ୍ଡଡ଼ିହା,ଥାନା-ପଣ୍ଡାପଡା |
| ୧୪୪ | ରୟତି | ୪୬୫ | ଶାରଦ ତିନି | ୦.୧୪ | ୦.୦୩ | ଲକ୍ଷ୍ମଣ ମହାନ୍ତ,ଦୁଃଖୁ ମହାନ୍ତ, ପି -ନବିନ ମହାନ୍ତ ଓଗେର, ଜା-କୁଡୁମି,ବା-ନିଜଗାଁ |
| ୧୫୯ | ରୟତି | ୩୩୩ | ତଇଲା ଦୁଇ | ୦.୧୯ | ୦.୦୮ | ସଂକୀର୍ତ୍ତନ ମହାନ୍ତ, ଶତ୍ରୁଘନ ମହାନ୍ତ, ମନ୍ଦ ମହାନ୍ତ, ବୁଢ଼ି ମହାନ୍ତ, ପି -ଗୋବିନ୍ଦ ମହାନ୍ତ ଓଗେର, ଜା-କୁଡୁମି, ବା-ନିଜଗାଁ |
| | | ୩୩୬ | ତଇଲା ଦୁଇ | ୦.୨୨ | ୦.୧୫ | |
| | | ୩୩୭ | ବାଜେଫସଲ ଦୁଇ | ୦.୨୧ | ୦.୧୫ | |
| ୧୭୬ | ରୟତି | ୨୩୯ | ତଇଲା ଦୁଇ | ୦.୩୫ | ୦.୧୯ | ହରିଆ ମହାନ୍ତ, ପି -ଘନୁଆ ମହାନ୍ତ, ପିତାମ୍ବର ମହାନ୍ତ, ପି -ଝରିଆ ମହାନ୍ତ, ଉଲାସି ମହାନ୍ତ, ସ୍ୱା- ଝରିଆ ମହାନ୍ତ, ଜା-କୁଡୁମି, ବା-ନିଜଗାଁ |
| | | ୨୪୦ | ତଇଲା ଦୁଇ | ୦.୧୭ | ୦.୧୫ | |
| | | ୨୪୧ | ତଇଲା ଦୁଇ | ୦.୧୫ | ୦.୦୬ | |
| | | ୪୫୬ | ଶାରଦ ଦୁଇ | ୦.୧୦ | ୦.୦୨ | |
| | | ୩୯୯ | ଶାରଦ ଦୁଇ | ୦.୩୭ | ୦.୧୯ | |
| | | ୪୦୨ | ଶାରଦ ଦୁଇ | ୦.୧୭ | ୦.୧୪ | |
| ୧୭୭/୧୧୨ | ରୟତି | ୩୨୮/୨୪୬୯ | ବିଆଳି | ୦.୩୫ | ୦.୨୧ | ଭକ୍ତବନ୍ଧୁ ମହାନ୍ତ, ଧନେଶ୍ୱର ମହାନ୍ତ, ନରେନ୍ଦ୍ର ମହାନ୍ତ, ମଦନ ମହାନ୍ତ, ସୁରେନ୍ଦ୍ରନାଥ ମହାନ୍ତ, ପି -କାହ୍ନା ମହାନ୍ତ, ଜା-କୁଡୁମି, ବା-ନିଜଗାଁ |
| | | ମୋଟ ରୟତି ଜମି | | | ୪.୮୦ | |

OIPR-24001/14/0270/2122

